### ସରିଲା ପୀରବାବାଙ୍କ ପ୍ରସିଦ୍ଧ ଉର୍ସ ପର୍ବ

# ଚାଦର ଚଢ଼ାଇ ସମୂହ ପ୍ରାର୍ଥନାରେ ସାମିଲ ହେଲେ ଶ୍ରଦ୍ଧାଳୁ

ଧାମନଗର, ୯ ।୧୧(ସମିସ)



ଧାମନଗର ସ୍ଥିତ ଖାନକା ସରିଫ ପରିସରରେ ମୁସଲମାନ ସମ୍ପ୍ରଦାୟର ଧର୍ମଗୁରୁ ପୀରବାବା ହଜରତ୍ ମୁଜାହିଦ-ଏ-ମିଲ୍ଲତ ଅଲହାଜ ସାହା ମହମ୍ମଦ ହବିବୁର ରହେମାନଙ୍କ ୪୫ତମ ଉର୍ସ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ଧାମନଗର ସହର ଉତ୍ସବ ମୁଖର ହୋଇ ଉଠିଥିବା ବେଳେ ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଏହି ଉର୍ସ ଉତ୍ସବରେ ୧୦ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ଶନିବାର ଭୋର ୪ଟା ସମୟରେ ଖାନକା ସରିଫ୍ ମତବଲ୍ଲୀ ସୟଦ ଗୋଲାମ ମହମ୍ମଦ ହବିବି ଯୋଗ ଦେଇ ପୀରବାବା ଆସ୍ଥାନଙ୍କୁ ଗୋସଲ ସରିଫ୍ (ସ୍ନାନ) କରାଇଥିଲେ। ପରେ ଚାଦର ଚଢ଼ା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ୬ଟାରୁ ସର୍ବ ସାଧାରଣରେ ଦର୍ଶନ ଓ ଚାଦର ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଅପରାହ୍ନ ୪ଟାରୁ ୫ଟା୧୫ ମିନିଟ୍ ପର୍ଯ୍ୟନ୍ତ ସମୂହ ପ୍ରାର୍ଥନା, କୁଲସରିଫ ଓ ଫାତେହା ନିମନ୍ତେ ମଜାର ସରିଫର ସମସ୍ତ ଫାଟକ ବନ୍ଧ ଥିବା ବେଳେ ମତବଲ୍ଲୀ ସୟଦ ଗୋଲାମ ମହମ୍ମଦ ହବିବି ସମୂହ ନମାଜ ପାଠ କରାଇଥିଲେ। ପରେ ପୁଣି ଦର୍ଶନ ଓ ଚାଦର ଚଢ଼ା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶନିବାର ରାତି ୮ଟାରୁ ବିଭିନ୍ନ ପ୍ରାନ୍ତରୁ ଆସିଥିବା ମୌଲାନା ମାନଙ୍କ ଦ୍ୱାରା (ମୁସାଏରା) କବି ସମ୍ମିଳନୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ରବିବାର ସକାଳେ ସମାପ୍ତ ହୋଇଥିଲା। ଏହି ଉର୍ସ ଉତ୍ସବରେ ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ଆସି ନିଜ ନିଜର ପସରା ମେଲାଇଛନ୍ତି। ଉତ୍ସବକୁ ଆସିଥିବା ନାଗପୁର ମିଠା, ଏହ୍ଲାବାଦ ହାଲୁଆ, ପରଟା, ବିରିୟାନୀ ଆଦି ଦୋକାନ ଖୋଲାଯାଇଥିଲା। ରାଜ୍ୟ ବାହାରୁ ମୁମ୍ବାଇ, ଜାମସେଦପୁର, ଉତ୍ତର ପ୍ରଦେଶ, ଏହ୍ଲାବାଦ, ବିହାର, ଚେନ୍ନାଇ, ନାକପୁର, ଗାଜିଆବାଦ, କୋଲକାତା ଆଦି ଅଞ୍ଚଳରୁ ଭକ୍ତ ଓ ଶ୍ରଦ୍ଧାଳୁ ଆସି ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ ତୁଲାଇଥାନ୍ତି। ଶନିବାର ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଏସପି ମାଡକର ସନ୍ଦୀପ ସମ୍ପତ, ଅତିରିକ୍ତ ଏସ୍‌ପି ବାମଦେବ ସ୍ୱାଇଁ, ଡିଏସ୍‌ପି ପୁଷ୍ପଲତା ବାରିକ, ଉପଜିଲ୍ଲାପାଳ କାର୍ତ୍ତିକ ମଣ୍ଡଳ, ପିଡି ସରୋଜ ଦତ୍ତ, ତହସିଲଦାର ଦୀପକ କୁମାର ଦାସ, ବିଡିଓ ବନବିହାରୀ ଦିନ୍ଦା ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିବା ସହିତ ଶାନ୍ତି ରକ୍ଷା କରିଥିଲେ। ଏହି ଉର୍ସ ଉତ୍ସବରେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସମାଜସେବୀ ଡାକ୍ତର ସଞ୍ଜୟ କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନୀ କାଦରୀ, ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଲମ୍ବୋଦର ଜେନା, ବୀରେନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ଜେନା, ସୁଶାନ୍ତ କୁମାର ରାଉତ, ସେକ ଜାଫର ଅଲ୍ଲୀ, ଗୋଲାମ ଜିଲାନି ହବିବିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ ନେତା ଓ ବହୁ ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷକ, ସାମ୍ବାଦିକ ପ୍ରମୁଖ ଖାନକା ସରିଫ୍‌ରେ ପହଞ୍ଚି ପୀରବାବାଙ୍କ ଆସ୍ଥାନରେ ଚାଦର ଚଢ଼ାଇ ଦର୍ଶନ ସହ ଆଶୀର୍ବାଦ ଗ୍ରହଣ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ନିମନ୍ତେ ଜିଲ୍ଲା ପୁଲିସ ପକ୍ଷରୁ ଉତ୍ତରାଞ୍ଚଳ ଆଇଜି ଡ.ସତ୍ୟଜିତ ନାୟକ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଏସ୍‌ପି ମାଡକର ସନ୍ଦୀପ ସମ୍ପତ ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ଏସଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ଫଣିନ୍ଦ୍ର ଭୂଷଣ ନାୟକଙ୍କ ସମେତ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଭାଗବତ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ

ବନ୍ତ/ଆଗରପଡ଼ା, ୯ ।୧୧(ସମିସ): ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ବାବା ଖଗେଶ୍ୱର ପୀଠରେ ଭାଗବତ ପରାୟଣ, ଗୀତା ପାଠ, ବେଦପାଠ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ଏକ ସପ୍ତାହ ଧରି ଚାଲିବ। ଶ୍ରୀମଦ୍ ଭାଗବତ ପରାୟଣ ଅଧିବାସ, ରାଧାକୃଷ୍ଣ ରାଧାଗୋବିନ୍ଦଙ୍କ ୩ ସୁସଜ୍ଜିତ ବିମାନ ଗ୍ରାମରୁ ଅଣାଯାଇ ମନ୍ଦିରରେ ଆବାହନ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ଭାଗବତ ଗାଦି ସ୍ଥାପନ କରାଯାଇ ପ୍ରକାଶ ପତି, ବିକାଶ ପତି ବେଦ ପାଠ କରିଥିଲେ। ସଙ୍ଖାଳି ବାବା, ଦେବେନ୍ଦ୍ର ନାଥ ପଣ୍ଡା, ଲଙ୍ଗୁଳୀ ବାବା, ନବକିଶୋର ଲେଙ୍କା, ଅନନ୍ତ ନାରାୟଣ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ବିରେନ୍ଦ୍ର ପଣ୍ଡା, ବିପିନ ବିହାରୀ ନାୟକ ପ୍ରମୁଖ ପ୍ରବୋଚନ ଦେଉଥିବା ବେଳେ ସୁରେନ୍ଦ୍ର ପଣ୍ଡା, ମଣିଭଦ୍ର ପଣ୍ଡା, କମଳାକାନ୍ତ ପଣ୍ଡା, ଭାଗବତ ପଣ୍ଡା, ଭାଗବତ ପାରାୟଣ ପଠନ କରୁଛନ୍ତି। ଖଗେଶ୍ୱର ମହାଦେବଙ୍କ ମୁଖ୍ୟ ସେବକ ଫକୀର ମୋହନ ତ୍ରିପାଠୀ, ଶୁକଦେବ ତ୍ରିପାଠୀ, ସୁବାସ ତ୍ରିପାଠୀ ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ଲକ୍ଷ୍ମୀଧର ମହାନ୍ତି, ଦୀନବନ୍ଧୁ ରାଉତ, ବିଦ୍ୟାଧର ଓଝା, କାର୍ତ୍ତିକ ଚନ୍ଦ୍ର ପାଳ, ରଘୁନାଥ ସ୍ୱାଇଁ, ଚୈତନ୍ୟ ପଟ୍ଟନାୟକ, କୁଳମଣି ନାୟକ, ନରେନ୍ଦ୍ର କୁମାର ବାରିକ ସମେତ ସମସ୍ତ ଖଗେଶ୍ୱର ମହାଦେବଙ୍କ ଭକ୍ତ ସହଯୋଗ କରିଥିଲେ।

## ବିଇଓଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ



ଭଣ୍ଡାରିପୋଖରୀ, ୯।୧୧(ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ଶନିବାର ବିଭିନ୍ନ ବିଦ୍ୟାଳୟ ଅଚାନକ ପରିଦର୍ଶନ କରି ବହୁ ଅନୀୟମିତତା ସମ୍ପର୍କରେ ପ୍ରତ୍ୟକ୍ଷ ଅବଗତ ହୋଇଥିବା ଜଣାଯାଇଛି। ଶନିବାର ସରକାରୀ ଛୁଟି କାର୍ଯ୍ୟାଳୟ ବନ୍ଦ ରହିଥିଲା ଓ ବିଦ୍ୟାଳୟ ସକାଳୁଆ ଭାବେ ୭ଟାରୁ ଆରମ୍ଭ ହୋଇଥିଲା। ଶ୍ରୀ ତରାଇ ୧୨ଟି ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ଦକ୍ଷିଣବାଡ ପଞ୍ଚାୟତ ଅନ୍ତର୍ଗତ କହରାପୋଖରୀ ଶାସନ ପ୍ରାଥମିକ ବିଦ୍ୟାଳୟ ୭ ବେଳେ ତାଲା ପଡ଼ିଥିଲା ଓ ପିଲାମାନେ ବିଦ୍ୟାଳୟ ବାହାରେ ବୁଲୁଥିବା ଭଳି ଗୁରୁତର ତୃଟି ବିଇଓଙ୍କ ନଜରକୁ ଆସିଥିଲା। ସେହିପରି କଣ୍ଟି ଉପ୍ରା ବିଦ୍ୟାଳୟର କେତେକ ଶିକ୍ଷକ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟରେ ମନମୁଖି ଭାବେ ଅନୁପସ୍ଥିତ ଥିବା ଜଣାପଡ଼ିଥିଲା। ଚତୁର୍ଭୁଜପୁର ଉପ୍ରା ବିଦ୍ୟାଳୟରେ ଶିକ୍ଷକ ବିବାଦରୁ ମଧ୍ୟାହ୍ନ ଭୋଜନ କୁପରିଚାଳନା ଦୃଷ୍ଟି ଗୋଚର ହୋଇଥିଲା। ଉଣା ଅଧିକ ପ୍ରାୟ ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଉପସ୍ଥାନ ଯଥେଷ୍ଟ କମ ରହିଥିଲା। ଅନିୟମିତତା ନଜରକୁ ଆସିଥିବା ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ସମ୍ପୃକ୍ତ ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

## ଯୋଗ ଓ ଜୀବନ ଶୈଳୀ ସଚେତନତା କାର୍ଯ୍ୟକ୍ରମ

ବନ୍ତ/ଆଗରପଡ଼ା, ୯ ।୧୧(ସମିସ): ବନ୍ତ ବ୍ଲକ ଆଗରପଡ଼ା ନିକଟସ୍ଥ ସାହୁପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଯୋଗ ଓ ଜୀବନ ଶୈଳୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ପତଞ୍ଜଳି ଯୋଗ ପ୍ରଚାରକ ତଥା ଜିଲ୍ଲା ଯୋଗଗୁରୁ ଧରଣୀଧର କର ବିଦ୍ୟାଳୟର ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମାଙ୍କୁ ଯୋଗାସନ, ପ୍ରଣାୟାମ, ଧାନ ଆଦି ଶିକ୍ଷା ପ୍ରଦାନ କରିବା ସହିତ ସେଥିରୁ ମିଳୁଥିବା ଲାଭ ଆଦି ବିଷୟରେ ଆଲୋକପାତ କରିଥିଲେ। ଅଷ୍ଟାଙ୍ଗ ଯୋଗ ସାଧନା ମାଧ୍ୟମରେ ସମ୍ପୂର୍ଣ୍ଣ ନିରୋଗ ଜୀବନ ଜାପନ ସମ୍ଭବ ବୋଲି କହିବା ସହିତ କେବଳ ଧାନ ଓ ଶାରିରୀକ କ୍ରୀୟା ମାଧ୍ୟମରେ ଛାତ୍ରଛାତ୍ରୀ ସୁସ୍ଥ ରହିବା ସହିତ ପାଠପଢ଼ାରେ ସଫଳତା ଅର୍ଜନ କରିପାରିବା ନେଇ ମତ ବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରତ୍ନାକର ନାୟକ, ସମ୍ପାଦକ ମଦନମୋହନ ପାଣିଗ୍ରାହୀ, ପ୍ରଧାନ ଆଚାର୍ଯ୍ୟ ମାୟାଧର ଦାସଙ୍କ ସହିତ ଗୁରୁଜୀ ରମାକାନ୍ତ ମହୁରୀ, ପ୍ରଦୀପ ପାଣିଗ୍ରାହୀ, ଗୁରୁମା ମମତା ରାଣୀ ମିଶ୍ର, ସୁମତୀ ସେଠୀ, ରାଜଶ୍ରୀ ବେହେରା, ମମତା ରାଣୀ ମାହାନ୍ତି, ରଶ୍ମୀତା ପାଣିଗ୍ରାହୀ, ରୁନୁଲତା କଟୁଆଳ, ସ୍ୱର୍ଣଲତା ଦଳେଇ, ଅପା ମନ୍ଦୋଦୋରୀ ମହାକୁଡ ପ୍ରମୁଖ ଅଂଶଗ୍ରହଣ କରିବା ସହିତ କାର୍ଯ୍ୟ ପରିଚାଳନା ଓ ସହଯୋଗ କରିଥିଲେ।

## ଭକ୍ତି ରସରେ ଝୁମିଲେ ଶ୍ରଦ୍ଧାଳୁ

ଅସୁରାଳି, ୯ ।୧୧(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରଠାରେ ସପ୍ତଦିବସ ବ୍ୟାପୀ ସପ୍ତା ପୂଜାର ଆଜି ରୁକ୍ମଣୀ ବିବାହ ଓ ସନ୍ଧିପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଭାଗବତ ପରାୟଣ ଶ୍ରବଣ ସହିତ ପ୍ରସାଦ ସେବନ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ତତ୍ତ୍ୱ ସମ୍ବଳିତ ଆଧାତ୍ମିକ ଆଲୋଚନା ଓ ଆଞ୍ଚଳିକ କଳାକାରମାନଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ସଙ୍ଗୀତକାର ରମାକାନ୍ତ ନାୟକ, ସଙ୍ଗୀତକାର ଭାଗୀରଥି ବେହୁରିଆ, ଶମ୍ଭୁନାଥ ନାୟକ, ସୁଦର୍ଶନ ନାଥ, ନିଶାକର ନାୟକ, ମୂରଲୀଧର ଜେନାଙ୍କ ସୁଲଳିତ ସ୍ୱର ରେ ଶ୍ରଦ୍ଧାଳୁ ମାନେ ଝୁମି ଉଠିଥିଲେ। ତାଙ୍କ ସହିତ ବାଦ୍ୟକାର ନିତ୍ୟାନନ୍ଦ ସେଠୀ ମଧ୍ୟ ତାଳ ଦେଇଥିଲେ। ମହୋତ୍ସବକୁ ସାମ୍ବାଦିକ ସନ୍ତୋଷ ଦାସ, ନାରାୟଣ ପତି, ଫକୀର ଜେନା, ଭାଗୀରଥି ଦାସ, ଶ୍ୟାମସୁନ୍ଦର ସେଠୀ, ଅବିନାଶ ପତି, ଯୁବନେତା ରାକେଶ ପତି, ଗଣେଶ ନାୟକ, ବାବାଜୀ ନାୟକ, ମାଧବାନନ୍ଦ ସେଠୀ, ନିରାକାର ଜେନା, ଚନ୍ଦ୍ରମଣି ଜେନା ପରିଚାଳନା କରିଥିଲେ। ପଣ୍ଡିତ ସୁଶାନ୍ତ ପଣ୍ଡା, ବିଶ୍ୱନାଥ ପଣ୍ଡା ଭାଗବତ ପାରାୟଣ କରୁଥିବା ବେଳେ ମଉଡମଣି ପତି, ପାର୍ବତୀ ପତି, ବାସନ୍ତୀ ପତି ଶ୍ରୋତା ଭାବେ ରହିଥିଲେ। ନିତ୍ୟାନନ୍ଦ ପତି କର୍ତ୍ତାଭାବେ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି।

## ମହା ଶିବପୁରାଣ ପାଠ ଉତ୍ସବ

ବାରିକପୁର, ୯ ।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମ ପଞ୍ଚାୟତ ରାଢୋ ଠାରେ ମହା ଶିବ ପୁରାଣ ଉତ୍ସବ ଅନୁଷ୍ଠିତ ହେଉଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସବୁ ବର୍ଷ ଭଳି ଚଳିତ ବର୍ଷ ଏହି ବୈଦିକ ଉତ୍ସବ ଗ୍ରାମବାସୀଙ୍କ ଦ୍ୱାରା ଆରମ୍ଭ ହୋଇଛି। ବାବା ବିଶ୍ୱେଶ୍ୱରଙ୍କ ପୀଠରେ ମହାଶିବ ପୁରାଣ ପାଠ ଆଜି ଚତୁର୍ଥ ଦିବସରେ ପହଞ୍ଚିଥିବା ବେଳେ ଏଥିରେ ଅନେକ ହବିଷ୍ୟାଳି ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇ ଭଗବାନଙ୍କ ତତ୍ତ୍ୱ ଆଧାରିତ ଶାସ୍ତ୍ରୀୟ କଥା ଶ୍ରବଣ କରିଛନ୍ତି। ବ୍ରାହ୍ମଣ ଶଙ୍କର୍ଷଣ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହେନ୍ଦ୍ର ଦାସ, ସୁବାସ ଚନ୍ଦ୍ର ପଣ୍ଡା, ସୁଶାନ୍ତ ତ୍ରିପାଠୀ, ବିଜୟ ତ୍ରିପାଠୀ ପ୍ରମୁଖ ମହା ଶିବ ପୁରାଣ ପାଠ କରିଛନ୍ତି। ଏଥିରେ ମୁଖ୍ୟ ସଙ୍କଳ୍ପ କର୍ତା ଭାବେ ବିଶ୍ୱନାଥ ନାୟକ ଓ ନୀଳିମା ନାୟକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ବାର୍ଷିକ ଶିବ ପୁରାଣ ଉତ୍ସବକୁ ଗ୍ରାମବାସୀ ମାନେ ପରିଚାଳନା କରୁଛନ୍ତି। ହୋମ ଯଜ୍ଞ ସହିତ ପୂର୍ଣ୍ଣିମା ଦିନ ପ୍ରାତଃ କାଳରେ ମହା ଶିବ ପୁରାଣ ଉତ୍ସବ ଉଦଯାପିତ ହେବ।

# ବିଜେଡି ଜନସମ୍ପର୍କ ପଦଯାତ୍ରା ବୈଠକ



ବନ୍ତ/ଆଗରପଡ଼ା, ୯ ।୧୧(ସମିସ): ଆସନ୍ତା ୧୩ ତାରିଖରେ ବ୍ଲକସ୍ତରୀୟ ବିଜେଡି ଜନସମ୍ପର୍କ ପଦଯାତ୍ରା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଆଗରପଡ଼ା ସ୍ଥିତ ହେମପଦ୍ମ ଗାଲାକ୍ସି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ପଦଯାତ୍ରାକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ଜୋନ ସମ୍ପାଦକ ଅଶୋକ ପାଣିଗ୍ରାହୀ, ଯୁବ ସଭାପତି ସତ୍ୟସାଧନ ବେଜ, ବରିଷ୍ଠ ନେତା ରାମଚନ୍ଦ୍ର ନାୟକ, ରବିନାରାୟଣ ପୁହାଣ, ଶ୍ରୀନାଥ ମହାନ୍ତି, ସରପଞ୍ଚ ପ୍ରକାଶ ବିଶ୍ୱାଳ, ନିହାର ପଣ୍ଡା, ପୂର୍ବତନ ସରପଞ୍ଚ ବନମାଳୀ ବେହେରା, ବିଜୟ ଜେନା, ବିଷ୍ଣୁ ଜେନା, ଲିଙ୍ଗରାଜ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପଦଯାତ୍ରା କୁଆଁଶମଢ଼ିଆ ଛକ ଠାରୁ ଆରମ୍ଭ ହୋଇ ରାମଗଡ଼ପଦା ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷହେବା ସହ ସେଠାରେ ଏକ ସାଧାରଣସଭା ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା। ଏଥିରେ ଆଗରପଡ଼ା ଜୋନ ଅନ୍ତର୍ଗତ ୯ ଗୋଟି ପଞ୍ଚାୟତର ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ରହଣିଆରେ ପ୍ରଧାନ ଶିକ୍ଷକ ବୈଠକ



ବାରିକପୁର, ୯ ।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧିର କୁମାର ତରାଇ ଯୋଗ ଦେଇ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଦାୟିତ୍ୱବୋଧ ସମ୍ପର୍କରେ ମତ ଦେଇଥିଲେ। ଉକ୍ତ ବୈଠକରେ ରାଜ୍ୟସ୍ତରରୁ ପ୍ରଶିକ୍ଷଣ ପାଇଥିବା ପ୍ରଶିକ୍ଷକ ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା ଡିଜିଟାଲ ଆସେସ୍‌ମେଣ୍ଟ ଉପରେ ଅନେକ ଉପାଦେୟ ତଥ୍ୟ ତଥା ଶିକ୍ଷା ପ୍ରଦାନ କରିଥିଲେ। ଯଶୋଟିକିରି ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ନନ୍ଦ, କୁଲଣା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ମଲ୍ଲିକ, ଗିରିଧାରୀ ପଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଜେନା ଅନ୍ୟତମ ପ୍ରଶିକ୍ଷକ ଭାବେ ଶିକ୍ଷା ପ୍ରଦାନ କରିଥିଲେ। ବୈଠକରେ ଗଣିତ ଦକ୍ଷତା ବୃଦ୍ଧି ଓ ପିଏମଶ୍ରୀ ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବନ୍ଧାଲୋ ମଡିଆଳୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମସ୍ତ ବିଦ୍ୟାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ।

## ସତ୍ୟଜିତ ଗୋଚ୍ଛାୟତ ଓ ସ୍ନେହା ଦାସ ରାଜ୍ୟ ଚାମ୍ପିଅନ

ଭଣ୍ଡାରିପୋଖରୀ, ୯।୧୧(ସମିସ): ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟ ୯ମ ଶ୍ରେଣୀ ଛାତ୍ର ସତ୍ୟଜିତ ଗୋଚ୍ଛାୟତ ଓ ଚିଙ୍ଗୁଡ଼ିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ୯ଶ୍ରେଣୀ ଛାତ୍ରୀ ସ୍ନେହା ଦାସ ରାଜ୍ୟ ସାଇକଲ ଚାଳନା ପ୍ରତିଯୋଗିତାରେ ଚାମ୍ପିଅନ ହୋଇ ଜାତୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୧୭ ବର୍ଷ ମଧ୍ୟରେ ପିଲାମାନଙ୍କ ପାଇଁ କଟକ ପୁଲିସ ପଡ଼ିଆରେ ଗତ ୬ ଓ ୭ ତାରିଖରେ ଅନୁଷ୍ଠିତ ପ୍ରତିଯୋଗିତାରେ ବାଳକ ବର୍ଗରେ ସତ୍ୟଜିତ ଓ ବାଳିକା ବର୍ଗରେ ସ୍ନେହା ପ୍ରଥମ ସ୍ଥାନ ହାସଲ କରି ଚାମ୍ପିଅନ ହୋଇଛନ୍ତି। ଉଦଯାପନୀ ଉତ୍ସବରେ କଟକ ମହାନଗର ନିଗମ ମେୟର ସୁବାସ ସିଂ ମୁଖ୍ୟ ଅତିଥି, ଓଡ଼ିଶା ଅଲମ୍ପିକ ଆସୋସିଏସନ ସାଧାରଣ ସମ୍ପାଦକ ଅଭିଜିତ ପାଲ, ଗଣଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପରିଡ଼ା, ଓଡ଼ିଶା ସାଇକ୍ଲିଂ ସଭାପତି ମିନତୀ ମହାପାତ୍ର ଓ ସମ୍ପାଦକ ପ୍ରସନ୍ନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିଅନଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ମନିନ୍ଦର ନାୟକ ଓ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ଜେନା ଭଦ୍ରକ ଜିଲ୍ଲାର ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ପାଇଁ ଯାଇଥିଲେ। ପିତା ସୁବାସ ଗୋଚ୍ଛାୟତ ଓ ବାରିକପୁର ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଜିତେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସତ୍ୟଜିତ ସାଇକେଲ ଚାଳନା ପାଇଁ ପ୍ରଶିକ୍ଷିତ ହେଉଥିବା ଜଣାଯାଇଛି।

## ଶ୍ରୀଜଗନ୍ନାଥ କଳା ସଂସ୍କୃତି ପକ୍ଷରୁ ନାମସଂକୀର୍ତ୍ତନ

ବନ୍ତ/ଆଗରପଡ଼ା, ୯ ।୧୧(ସମିସ): ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ସିଲନ୍ଦି ଗ୍ରାମରେ ଶ୍ରୀଜଗନ୍ନାଥ କଳାସଂସ୍କୃତି ପକ୍ଷରୁ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ସଂକୀର୍ତ୍ତନ ମଣ୍ଡଳିର ସଭାପତି ଗୋବିନ୍ଦ ଓଝା, ସମ୍ପାଦକ ମଧୁସୂଦନ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗଠନର ଜିଲା ସଭାପତି ଚନ୍ଦ୍ରମଣି ଜେନା, ଜିଲ୍ଲା ଉପଦେଷ୍ଟା ନାରାୟଣ ନାୟକ, ହାଟଡିହୀ ବ୍ଲକ ସଭାନେତ୍ରୀ ପାର୍ବତୀ ଖଣ୍ଡେଇ ପ୍ରମୁଖ ଯୋଗଦେଇଥିଲେ।



ଏହି କାର୍ଯ୍ୟକ୍ରମରେ ଉକ୍ତ ବ୍ଲକ ଅଧୀନରେ ଥିବା ତିନିଶହରୁ ଅଧିକ ସଂକୀର୍ତ୍ତନ ମଣ୍ଡଳି ଯୋଗ ଦେଇ ନାମ ସଂକୀର୍ତ୍ତନ କରିଥିଲେ। ଶ୍ରେଷ୍ଠ ଭଜନ ମଣ୍ଡଳିଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କଳାକାର ସାହୁ, ଉମାକାନ୍ତ ଓଝା, ସତ୍ୟବାନ ସାହୁ, ସୋମନାଥ ଓଝା, ଗୋଲକ ସାହୁ, ସୁରେନ୍ଦ୍ର ଓଝା, ଭଗବାନ ସାହୁ, ହରିହର ପରିଡ଼ାଙ୍କ ସହ ଅନ୍ୟାନ୍ୟ କମକର୍ତ୍ତା ସହଯୋଗ କରିଥିଲେ।

# ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା



ଭଦ୍ରକ, ୯ ।୧୧(ସମିସ): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ନାରାୟଣ ଚନ୍ଦ୍ର ହାଇସ୍କୁଲ ପୁରୁଣାବଜାର, ଭଦ୍ରକ ଠାରେ ଜାତୀୟ ଆଇନ୍ ସେବା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସଚିବ ନେହା ଅଗ୍ରୱାଲ ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକ ପରିଚାଳନା କରିଥିଲେ। ପିଲାମାନଙ୍କ ଦ୍ୱାରା ଅଭିନିତ ଆଇନ୍ ସମ୍ବନ୍ଧିତ ନାଟକ ବେଶ୍ ଶିକ୍ଷଣୀୟ ହୋଇଥିଲା। ଏଥି ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପ୍ରତିଯୋଗୀଙ୍କୁ ମଧ୍ୟ ଉତ୍ସାହିତ କରାଯାଇ ପ୍ରାଇଜ ପ୍ରଦାନ କରାଯାଇଥିଲା। ତତ୍ ସହିତ ଅଭିନୟ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଉତ୍ସାହିତ କରାଯାଇ ପ୍ରାଇଜ୍ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ନେପାଳ ଚନ୍ଦ୍ର ଦାସ ସଦସ୍ୟ ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ, ଭଦ୍ରକ ଡ.ତାପସ କୁମାର ମହାନ୍ତି, ସହାୟକ, ଏଲଏଡି ଭଦ୍ରକ, ଶିକ୍ଷକ ନିତ୍ୟାନନ୍ଦ ରାଉତ, ଶିକ୍ଷୟିତ୍ରୀ ସରସ୍ୱତୀ ନାୟକ, ଶିକ୍ଷୟିତ୍ରୀ ପାର୍ବତୀ ହାଁସଦା, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦାସ, ନାରାୟଣ ଚନ୍ଦ୍ର ହାଇସ୍କୁଲ, ଭଦ୍ରକ ପ୍ରମୁଖ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମକର୍ତ୍ତା ସମ୍ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକମିଟି ସଫଳ ହୋଇଥିଲା। ପିଲାମାନଙ୍କୁ ଆଇନ୍ ସମ୍ବନ୍ଧୀୟ ସମସ୍ତ ଶିକ୍ଷଣୀୟ କଥା ପିଲାମାନଙ୍କୁ ବୁଝାଇ ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହୁଅନ୍ତୁ ବୋଲି କହିଥିଲେ।

### ଦାନା ଭାଙ୍ଗିଲା ବୀରଭଦ୍ରଙ୍କ ଘର

# କମ୍ୟୁନିଟି ସେଣ୍ଟର୍‌ରେ ବିତୁଛି ଦିନ

ଅସୁରାଳି, ୯ ।୧୧(ସମିସ)

ବାତ୍ୟା 'ଦାନା' ଆସି ବହୁ ଲୋକଙ୍କ ଭାଗ୍ୟରେ ଦୁଃଖ ର କାଳିମା ଲେଖିଯାଇଛି। କିଏ ବାସହରା ହୋଇଛି ତ ଆଉ କାହାର ସୁନାର ଫସଲ ଉଜୁଡି ଯାଇଛି। ବାତ୍ୟା ଦାନା ପ୍ରଭାବରେ କଲ୍ୟାଣୀ ପଞ୍ଚାୟତ ଅନ୍ତର୍ଗତ ନନ୍ଦବଜାର ଗ୍ରାମର ବୀରଭଦ୍ର ନାୟକଙ୍କ ଘର ଭାଙ୍ଗିଯାଇଛି। ବୀରଭଦ୍ର ଜଣେ ଗରିବ ଲୋକ। ମୂଲ ମଜୁରୀ ଲାଗିଲେ ଚୁଲିରେ ନିଆଁ ଜଳେ। ବହୁ ଦୁଃଖ କଷ୍ଟରେ ନିଜର ଗୁଜୁରାଣ ମେଣ୍ଟାନ୍ତି ସେ। ବାତ୍ୟାରେ ଘର ଅବସ୍ଥା ଏତେ ଶୋଚନୀୟ ହୋଇପଡ଼ିଛି କି ଦିନରେ ସୂର୍ଯ୍ୟ ଓ ରାତିରେ ଜହ୍ନ ସ୍ପଷ୍ଟ ଦେଖିହେଉଛି। ବୀରଭଦ୍ରଙ୍କ ପତ୍ନୀ ବିଗତ ୧୦ ବର୍ଷ ହେଲା ଇହଧାମ ଛାଡ଼ି ଚାଲିଗଲେଣି। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ। ପୁଅ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛି। ବିବାହିତା ଝିଅ ନିଜର ଏକମାତ୍ର ପୁଅ ସହ ଆସି ବାପାଙ୍କ ପାଖରେ ରହୁଛି। ଦାନା ଯିବାର ପ୍ରାୟ ୧୧ ଦିନ ବିତିଗଲାଣି। କୌଣସି ପ୍ରଶାସନିକ ଅଧିକାରୀ ବୀରଭଦ୍ରଙ୍କ ଦୁର୍ଦ୍ଦଶା ଦେଖିବାକୁ ଆସିନାହାନ୍ତି।



ବିଗତ ୧୧ ଦିନ ହେଲା ସେ କମ୍ୟୁନିଟି ସେଣ୍ଟର୍‌ରେ ରହୁଛନ୍ତି। ନା ଅଛି ଆଲୋକ ବ୍ୟବସ୍ଥା ନା ଅଛି ଖାଇବା ବ୍ୟବସ୍ଥା। ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଥିପାଇଁ ଗ୍ରାମର ବୁଦ୍ଧିଜୀବୀ ମହଲରେ ଖୁବ୍‌ଶୀଘ୍ର ତାଙ୍କୁ ଥଇଥାନ କରିବା ସହ ଖଣ୍ଡେ ଆବାସ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

ତ୍ରିଂଶତି ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ପୁଣ୍ୟଶ୍ଳୋକ ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ଆସିଥିଲେ: ୨୧.୦୫.୧୯୨୩ (ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ)
ବାହୁଡ଼ିଲେ: ୨୯.୧୦.୧୯୯୪ (କାର୍ତ୍ତିକ କୃଷ୍ଣ ନବମୀ)

ପ୍ରିୟ ନାତି ଉତ୍କଳ କେଶରୀ (ଟୁକୁ)ର ଅକାଳ ବିୟୋଗ ହେତୁ ଏକପକ୍ଷ ଉପରାନ୍ତ ଶ୍ରାଦ୍ଧପାଳନ। ତା ୧୦. ୧୧. ୨୦୨୪ ରବିବାର।

ଆପଣଙ୍କ ବିଦ୍ବତା, ଶିକ୍ଷାଦାନ ଦକ୍ଷତା, ବହୁଭାଷା ଅଧ୍ୟୟନ ଯୋଗ୍ୟତା, ହୋମିଓପାଥି ଚିକିତ୍ସା ପ୍ରବଣତା, ଗାନ୍ଧୀବାଦୀ ଚିନ୍ତାଧାରା, ସମବାୟ ମନସ୍କତା ଆପଣଙ୍କୁ ଜଣେ ଆଦର୍ଶ ମଣିଷ ମାନ୍ୟତା ଦିଆଇଥିଲା। ଆପଣଙ୍କ ପଟାନ୍ତରହୀନ ସ୍ନେହ-ଶ୍ରଦ୍ଧା-ଭଲପାଇବାକୁ ସ୍ମରଣପୂର୍ବକ ମଥାନତ ନମନ ଜ୍ଞାପନ କରୁଅଛୁ।
ବଡ଼ସଲାରୋ 'ପରିଡ଼ା', ଚାନ୍ଦୋଳ 'ନାୟକ', ନୂଆପଡ଼ା 'ରାଉତ' ବଂଶ ଓ ପୁନର୍ନବା ସାହିତ୍ୟ ସଂସଦର ସଦସ୍ୟଗଣ।





## ବ୍ୟାସନଗର କଲେଜକୁ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ ସରପ୍ରାଇଜ୍ ଭିଜିଟ୍

# ଅନୁପସ୍ଥିତ ଅଧ୍ୟକ୍ଷଙ୍କ ସମେତ ୩୦ ଜଣଙ୍କୁ ନୋଟିସ୍

**ବ୍ୟାସନଗର, ୯ ।୧୧(ସମିସ)**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପିଛା ଛାଡୁନି ବିବାଦ। ସ୍ଥାୟୀ ଅଧ୍ୟକ୍ଷ ଓ ଅବ୍ୟବସ୍ଥିତ ପାଠପଢ଼ାକୁ ନେଇ ଅନେକ ସମୟରେ ମହାବିଦ୍ୟାଳୟ ବିବାଦର ପରଧି ମଧ୍ୟରେ ରହିଛି। ଏହାରି ମଧ୍ୟରେ କଲେଜ ପରିଚାଳନା କମିଟି ସଭାପତି ତଥା କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଅଚାନକ ମହାବିଦ୍ୟାଳୟରେ ପହଞ୍ଚି ଶ୍ରେଣୀ ଗୃହ ସହ କମନରୁମରେ ଅନୁପସ୍ଥିତ ଥିବା ଅଭିଯୋଗରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ୩୦ ଜଣ ଅଧ୍ୟାପକ/ଅଧ୍ୟାପିକାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ତିନିଦିନ ମଧ୍ୟରେ ଆଶାନୁରୂପ ଉତ୍ତର ନ ମିଳିଲେ ଉକ୍ତ ଦିନର ଦରମା ବନ୍ଦ ପାଇଁ ଉଚ୍ଚଶିକ୍ଷା ବିଭାଗ, ଯାଜପୁର ଜିଲାପାଳଙ୍କୁ ସୁପାରିଶ କରିଛନ୍ତି।

ପାଠପଢ଼ା ସମୟରେ ବ୍ୟାସନଗର କଲେଜରେ କିଛି ଅଧ୍ୟାପକ ମଦ୍ୟପାନ କରୁଥିବା ଭଳି ଗୁରୁତର ଅଭିଯୋଗ ପାଇବା ପରେ ଏଡିଏମ ଶ୍ରୀ ନନ୍ଦ ବୁଧବାର ୩ଟା ୨୫ ମିନିଟ୍ ସମୟରେ କଲେଜ ପରିଦର୍ଶନ କରିଥିଲେ। ଶ୍ରୀ ନନ୍ଦ କଲେଜ କମନରୁମ୍‌ରେ ପହଞ୍ଚି ଭିତର ପଟୁ କବାଟ ଦେଇ ଉପସ୍ଥାପନ ରେଜିଷ୍ଟର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀଙ୍କ ସହ କଳା ବିଭାଗର ଅଧ୍ୟାପିକା ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ଜୟଶ୍ରୀ ଜେନା, ରଞ୍ଜନ ମଲିକ, କୃଷ୍ଣଚନ୍ଦ୍ର ମିଶ୍ର, ଗୌରାଙ୍ଗ ମଲିକ, ଦୀପ୍ତିମୟୀ ଦାସ, ଅକ୍ଷୟ ମହାନ୍ତି, ରଞ୍ଜିତ ପହି, ସନାତନ ଦାସ, ପ୍ରମୋଦିନୀ ତରାଇ, ଭାଗ୍ୟଲକ୍ଷ୍ମୀ ଦାସ, ମାଧବ ଦେହୁରୀ, ଅରବିନ୍ଦ ବୋଷ, ରାଜେଶ ସାହୁ, ଦିଲ୍ଲୀପ ମହାନ୍ତି, ବବ୍ରୁବାହାନ ଜେନା, ଅଜୟ ମହାକୁଡ଼, ଗୋଲକ ବିହାରୀ ମହାକୁଡ଼, କ୍ଷୀତିଶ ମହାପାତ୍ର, ଜଗବନ୍ଧୁ ସାହୁ, ବିଦ୍ୟାଧର ରାଉତ, ପ୍ରଶାନ୍ତ ସାହୁ, ଅମୂଲ୍ୟକୃଷ୍ଣ ପାଢ଼ୀ, ଅଜୟ ପଣ୍ଡା, ମୌସୁମୀ ମିଶ୍ର, ବିକାଶ ବେହେରା, କାର୍ତ୍ତିକ ବରାଦ, ସନ୍ଧ୍ୟାରାଣୀ ଦାସ ଓ ଅନ୍ନପୂର୍ଣ୍ଣା ରାଉତ ପ୍ରମୁଖ ଅନୁପସ୍ଥିତ ରହିଥିବା ଶ୍ରୀ ନନ୍ଦ ଦେଖିବାକୁ ପାଇଥିଲେ। ଏମାନେ କମନରୁମ କି ଶ୍ରେଣୀଗୃହରେ ନ ଥିବା ଦେଖି ଏଡିଏମ ଶ୍ରୀ ନନ୍ଦ ଶିକ୍ଷା ବିଭାଗକୁ ଏନେଇ ଅବଗତ କରିବା ସହିତ ସମ୍ପୃକ୍ତ ଅଧ୍ୟାପକ/ଅଧ୍ୟାପିକାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ୩ ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ନଚେତ୍ ସମସ୍ତ ଅଧ୍ୟାପକ/ଅଧ୍ୟାପିକା, ଅଧ୍ୟକ୍ଷଙ୍କ ଉକ୍ତ ଦିନର ଦରମା ବନ୍ଦ କରିବାକୁ ସୁପାରିଶ କରିଛନ୍ତି। ବିଭିନ୍ନ କ୍ଷେତ୍ରରୁ ମହାବିଦ୍ୟାଳୟ ନାମରେ ପୁଳା ପୁଳା ଅଭିଯୋଗ ଆସିବା ପରେ ଏଭଳି ପଦକ୍ଷେପ ନେଇଥିବା ଏଡ଼ିଏମ ଶ୍ରୀ ନନ୍ଦ କହିଥିବାବେଳେ ଆଗାମୀ ଦିନରେ କଲେଜରେ ଶୃଙ୍ଖଳିତ ଭାବେ ପାଠପଢ଼ା କିଭଳି ହୋଇପାରିବ, ସେ ଦିଗରେ ତାଙ୍କ ଉଦ୍ୟମ ଜାରି ରହିବ ବୋଲି କହିଛନ୍ତି।

ତେବେ ଏଡିଏମଙ୍କ ଏଭଳି ସୁପାରିଶ ଓ କାରଣ ଦର୍ଶାଅ ନୋଟିସକୁ ନାପସନ୍ଦ କରିଛନ୍ତି ସମ୍ପୃକ୍ତ କର୍ମଚାରୀ। ନିଜ ନାମ ପ୍ରକାଶ ନ କରିବା ସର୍ତ୍ତରେ ସେମାନେ କହିଛନ୍ତି, ଶ୍ରୀ ନନ୍ଦ କଲେଜର କିଛି କ୍ଲାସ ରୁମକୁ ବୁଲି ଦେଖିବା ପରେ କମନରୁମରେ ପଶି କବାଟ ବନ୍ଦ କରି ଉପସ୍ଥିତ ଅଧ୍ୟାପକ/ଅଧ୍ୟାପିକାଙ୍କ ଉପସ୍ଥାନ ନେଇଥିଲେ। କଲେଜ କର୍ମଚାରୀଙ୍କ କହିବା ଅନୁସାରେ ଏଡିଏମ କଲେଜକୁ ଆସିବା ସମୟରେ କଳା ବିଭାଗର କ୍ଲାସ ନ ଥିଲା ଓ ଶେଷ କ୍ଲାସ୍ ୨ଟା ୪୫ରେ ଶେଷ ହୋଇଥିଲା। ତେଣୁ କେତେକ ଅଧ୍ୟାପକ/ଅଧ୍ୟାପିକା ସେହି ସମୟରେ କଲେଜ ପଡ଼ିଆରେ ଅନୁଷ୍ଠିତ କଲେଜ ସ୍ତରୀୟ ଫୁଟ୍‌ବଲ ମ୍ୟାଚ ଦେଖିବାକୁ ଚାଲିଯାଇଥିଲେ ଓ କେତେକ ଅଧ୍ୟାପକ +୩ ଇଣ୍ଟରନାଲ ପରୀକ୍ଷାର ଖାତା ମୂଲ୍ୟାୟନ କରୁଥିବାବେଳେ କେତେକ ଅଧ୍ୟାପକ

- **କାର୍ଯ୍ୟାନୁଷ୍ଠାନକୁ କର୍ମଚାରୀଙ୍କ ନାପସନ୍ଦ**
- **ପିଲାଙ୍କ ଭବିଷ୍ୟତ ସହ ଖେଳ ବନ୍ଦ କର, ନଚେତ୍ ଚାକିରିରୁ ବିଦା ହେବ: ଏଡିଏମ**
- **'ନାପସନ୍ଦକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ'**

କଲେଜ ଲାଇବ୍ରେରୀ ଓ କେଇଜଣ ମାତୃତ୍ୱ ଛୁଟିରେ ରହିଥିଲେ। କଲେଜରେ କଳା ବିଭାଗ ନିମନ୍ତେ କୌଣସି ସ୍ୱତନ୍ତ୍ର କୋଠା ନ ଥିବାବେଳେ କମନରୁମର ଉପସ୍ଥାପନ ଆଧାରରେ କେବଳ କଳା ବିଭାଗର ଅଧ୍ୟାପିକା ଓ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏକପାଖିଆ ନିଷ୍ପତି ଛଡ଼ା ଆଉ କିଛି ନୁହେଁ କହିଛନ୍ତି। ତେବେ ଅଧ୍ୟାପକ/ଅଧ୍ୟାପିକାଙ୍କ ଏପରି ବିବୃତ୍ତି ନେଇ କଲେଜର ପରିଚାଳନା କମିଟି ସଭାପତି ତଥା କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କୁ ପଚାରିବାରୁ ସେ ଏହି ଘଟଣାକୁ ଗୁରୁତର ସହିତ ନେବା ସହିତ କଲେଜରୁ ପ୍ରସ୍ଥାନ ସମୟ କେତେବେଳେ କର୍ମଚାରୀ କ'ଣ ଜାଣନ୍ତି ନାହିଁ। ଯଦି ଶୀଘ୍ର କ୍ଲାସ ସରୁଛି, ତେବେ ଅନ୍ୟ କାର୍ଯ୍ୟରେ ପିଲାଙ୍କୁ ନିୟୋଜିତ କରି କର୍ମଚାରୀ ଉପସ୍ଥିତ ରହିବା ନିମନ୍ତେ ମୁଁ ପୂର୍ବରୁ କହିସାରିଛି। ତେଣୁ କଲେଜରେ ପାଠ ପଢ଼ାଇବା ସହିତ ପିଲାଙ୍କ ଭବିଷ୍ୟତ ଗଢିବା ନିମନ୍ତେ ସରକାର ଦରମା ଦେଉଛନ୍ତି। ଏଥିରେ ବ୍ୟତିକ୍ରମ କରି ପିଲାଙ୍କ ଭବିଷ୍ୟତ ସହିତ ଖେଳିଲେ ପ୍ରାଥମିକ ଭାବେ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛି। ପରବର୍ତ୍ତୀ ସମୟରେ ସମ୍ପୃକ୍ତ କର୍ମଚାରୀଙ୍କୁ ଚାକିରିରୁ ବିଦା କରାଯିବ। ପୂର୍ବ ଭିଜିଟ ସମୟରେ ଅନେକ କର୍ମଚାରୀ ଅନୁପସ୍ଥିତ ରହିଥିଲେ। ମୁଁ ଆସିବା ଖବର ପାଇ ଡକାଡକି ହୋଇ ସମସ୍ତେ ପହଞ୍ଚିଲେ। ପୂର୍ବର ଅଭ୍ୟାସ ଛାଡି ପିଲାଙ୍କ ଭବିଷ୍ୟତ ଗଢିବାରେ ଲାଗନ୍ତୁ, ନଚେତ ଚାକିରି ଛାଡ଼ି ଘରେ ବସନ୍ତୁ ବୋଲି ଏଡିଏମ ଶ୍ରୀ ନନ୍ଦ କଡ଼ା ଚେତାବନୀ ଦେଇଛନ୍ତି। ବୁଧବାର ପରିଦର୍ଶନ ସମୟରେ ସମସ୍ତ ଘଟଣାବଳୀର ଭିଡିଓ ମୋ' ପାଖରେ ଅଛି। ତେଣୁ ସନ୍ତୋଷଜନକ ଉତ୍ତର ନ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ। ଅଧ୍ୟାପକ/ଅଧ୍ୟାପିକା କଲେଜରେ ଦରମା ନେଇ କଲେଜ ସମୟରେ ବାହାରେ ଯେଉଁ ସବୁ କାର୍ଯ୍ୟ କରୁଛନ୍ତି, ତାହାର ସମସ୍ତ ପ୍ରମାଣ ମୋ ନିକଟରେ ଅଛି। ତେଣୁ ଏବେଠୁ ସତର୍କ ହୋଇ କର୍ତ୍ତବ୍ୟରେ ଅବହେଳା କଲେ ଆଗାମୀ ଦିନରେ ଆହୁରି କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ କୌଣସି ପ୍ରକାର ସାଲିସକୁ ବରଦାସ୍ତ କରାଯିବନି ବୋଲି ଶ୍ରୀ ନନ୍ଦ ରୋକଠୋକ ଶୁଣାଇଛନ୍ତି। ବିଭିନ୍ନ ଘଟଣାବଳୀକୁ ନେଇ ଚର୍ଚ୍ଚାକୁ ଆସୁଥିବା ଭିଏନ କଲେଜର ପରିଚାଳନା କମିଟିକୁ ତୁରନ୍ତ ଗଠନ କରିବା ସହ ଜଣେ ସ୍ଥାୟୀ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦେବାକୁ ବିଧାୟକ ଓ ସରକାରଙ୍କ ନିକଟରେ ସାଧାରଣରେ ଦାବି ହେଉଛି।

## ବୃନ୍ଦାଦେଇପୁର ଶାସନରେ ନବଗ୍ରହ ପ୍ରତିଷ୍ଠା ଉତ୍ସବ



**କବାଟବନ୍ଧ, ୯।୧୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତସ୍ଥ ବୃନ୍ଦାଦେଇପୁର ଶାସନ ଗ୍ରାମରେ ତିନିଦିନ ଧରି ନବଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟୋକ୍ତା ପ୍ରମୋଦ ଶତପଥୀ, ଶ୍ରୀମତୀ ରଜତ ଶତପଥୀ, ସରୋଜକାନ୍ତ ସାହୁଙ୍କ ଉଦ୍ୟମରେ ପ୍ରଦୀପ ଶତପଥୀ, ପଦ୍ମନାଭ ଶତପଥୀ, ରଶ୍ମୀକାନ୍ତ ଶତପଥୀ, ବେଣୁଧର ପଣ୍ଡା, ନୀଳମଣି ଭୂତିଆ, ଶିବାନନ୍ଦ ବସ୍ତିଆଙ୍କ ସମେତ ଜେନାପୁର ଅଞ୍ଚଳର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ପୂଜକ ଭାବେ ମୁଖ୍ୟ ପୁରୋହିତ ପଣ୍ଡିତ ରମାକାନ୍ତ ମହାପାତ୍ର, ପଣ୍ଡିତ କାଳନ୍ଦୀ ଚରଣ ତ୍ରିପାଠୀ, ପଣ୍ଡିତ ସଚ୍ଚିକାନ୍ତ ଆଚାର୍ଯ୍ୟ, ପଣ୍ଡିତ ସୀତାକାନ୍ତ ମିଶ୍ର ଯୋଗଦେଇ ପୂଜା କାର୍ଯ୍ୟ ଯଥାବିଧି କରିଥିଲେ। ସ୍ଥାନୀୟ ପୂଜକ ଭାବେ ପ୍ରମୋଦ ପଣ୍ଡା, ସୁଶାନ୍ତ ପାଢ଼ୀ, ବିଶ୍ୱଜିତ ଶତପଥୀ, ବ୍ରଜମୋହନ ଶତପଥୀ, ନିକୁଞ୍ଜ ବିହାରୀ ମିଶ୍ର, ମହେଶ୍ୱର ହୋତା, ଗିରିଜା ଶଙ୍କର ଦାଶ, ଧନେଶ୍ୱର ପତି ପ୍ରମୁଖ ଯୋଗଦେଇ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ଆଶୀର୍ବାଦ ଲାଭ କରିଥିଲେ।

## ମା' କରୁଣେଇ ପୀଠରେ ଗୋ-ଚିକିତ୍ସା ଶିବିର



**ବିଞ୍ଝାରପୁର, ୯ ।୧୧(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ଗୋଷ୍ଠାଷ୍ଟମୀ ଉପଲକ୍ଷେ ଗୀତାବାଣୀ ପ୍ରଚାର ସମିତି ପକ୍ଷରୁ ବିଞ୍ଝାରପୁର ବ୍ଲକର କରୁଣା ଗ୍ରାମସ୍ଥ ମା' କରୁଣେଇଙ୍କ ପୀଠରେ ଗୋ-ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସମାଜସେବୀ ବିଶ୍ୱନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୋଧନଙ୍କୁ ଗୋ-ଖାଦ୍ୟ ପ୍ରଦାନ ସହିତ ଗୋ-ମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଗୋ-ଚିକିତ୍ସା କାର୍ଯ୍ୟକ୍ରମକୁ କରୁଣେଇ ଗ୍ରାମବାସୀଙ୍କ ସହଯୋଗରେ ଗୀତାବାଣୀ ପ୍ରଚାର ସମିତିର ସହସମ୍ପାଦକ ବିଶ୍ୱଭୂଷଣ ଜେନା, ଶରତ ଚନ୍ଦ୍ର ଧଳ, ବ୍ରହ୍ମାନନ୍ଦ ଦାଶ, ବ୍ରଜମୋହନ ତ୍ରିପାଠୀ, ଶ୍ୟାମସୁନ୍ଦର ଜେନା, ରଞ୍ଜନ କୁମାର ଜେନା, ମନମୋହନ ତ୍ରିପାଠୀ, ବିକ୍ରମ ସାହାଣି, ରଞ୍ଜନ କୁମାର ବାରିକ, ଶରତ କୁମାର ଜେନା, ଶ୍ରୀଧର ଭୂୟାଁ, ରାଜେଶ କୁମାର ଓଝା, ରାମଚନ୍ଦ୍ର ଜେନା, ବିଞ୍ଝାରପୁର ପ୍ରାଣୀ ଚିକିତ୍ସା କର୍ମଚାରୀ ସୁଜିତ କୁମାର ରାଉଳ, କିଶୋର କୁମାର ଜେନା, କେଦାର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଭାଗବତେଶ୍ୱର ମନ୍ଦିର କମିଟିର ପ୍ରସ୍ତୁତି ବୈଠକ



**କବାଟବନ୍ଧ, ୯ ।୧୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରେଖିଦେଇପୁରର ଭଗବତେଶ୍ୱର ମନ୍ଦିର କମିଟି ପକ୍ଷରୁ ସଭାପତି ଅଜୟ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚୁକ ବ୍ରତ ପାଇଁ ଶ୍ରଦ୍ଧାଳୁ ଶାନ୍ତିଶୃଙ୍ଖଳାର ସହିତ କିଭଳି ମହାପ୍ରଭୁଙ୍କ ଦର୍ଶନ କରିବେ, ସେଥିପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମନ୍ଦିର କମିଟି ସମ୍ପାଦକ ପବିତ୍ର ମୋହନ ରାଉତ, ଅକ୍ଷୟ କୁମାର ବେହେରା, ଅଭିରାମ ରାଉତ, ଦୁର୍ଯ୍ୟୋଧନ ରାଉତ, ରଙ୍ଗାଧର ଜେନା, ପ୍ରଭାତ ରାଉତ, କୋଦଣ୍ଡଧର ଜେନା, କଳ୍ପତରୁ ବଳ, ମାଧବାନନ୍ଦ ରାଉତ, ଫଗୁ ଚରଣ ମଲ୍ଲ, ବାସୁଦେବ ମଲ୍ଲ, ବାସୁଦେବ ରାଉତ, ଆର୍ତ୍ତବନ୍ଧୁ ରାଉତ, ବଳରାମ ବଳ, ବିପିନ ମଲ୍ଲ, କୁନା ବଳ, ମଧୁସୂଦନ ମଲ୍ଲ, ଶରତ ସେଠୀ, ଯୁବ ସାମ୍ବାଦିକ ଚିତ୍ରସେନ ନାଥ, ମେଘନାଦ ରାଉତ, ହଗୁରି ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର; ୯୦ ୟୁନିଟ୍ ସଂଗୃହୀତ



**ବିଞ୍ଝାରପୁର, ୯ ।୧୧(ସମିସ):** ବିଞ୍ଝାରପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗିରିଧାରୀଜୀଉ ହେଲ୍‌ପିଂ ପିପୁଲ୍ ପକ୍ଷରୁ ରକ୍ତଦାନ ଶିବିର ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ପଞ୍ଚାୟତର ଅଲାରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ମାଁସଡା ସରପଞ୍ଚ କଳିକା ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ରୂପେ ଶିକ୍ଷାବିତ ରବୀନ୍ଦ୍ର କୁମାର ସ୍ୱାଇଁ, ସାମାଜିକ କର୍ମୀ ଅବଦୁଲ ତାରିକ ଅହମ୍ମଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ରକ୍ତଦାନ ଶିବିରରେ ୯୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିର ପରିଚାଳନାରେ ଗିରିଧାରୀଜୀଉ ହେଲ୍‌ପିଂ ପିପୁଲ ସ୍ୱେଚ୍ଛାସେବୀ ସଂଗଠନର ଅନନ୍ତ ସ୍ୱାଇଁ, ପ୍ରଦୀପ ଜେନା, ଦିବ୍ୟରଞ୍ଜନ ସ୍ୱାଇଁ, ପବିତ୍ର ସ୍ୱାଇଁ, ବରୁଣ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ମୁଖ୍ୟଅତିଥି ସରପଞ୍ଚ କଳିକା ଦାସ ଆୟୋଜକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ଆଇନ ସେବା ଦିବସ ପାଳନ




**ଯାଜପୁର, ୯ ।୧୧(ସମିସ):** ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ସଚିବ ଶ୍ରୀମତୀ ଜ୍ୟୋତିର୍ମୟୀ ଦାସଙ୍କ ଅଧ୍ୟକ୍ଷତାରେ ତଳିହା ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱର ଗ୍ରାମ ଗଣେଶ ମଣ୍ଡପ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକ ଭାବେ ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଡଃ ରୁଦ୍ରନାରାୟଣ ପୃଷ୍ଟି, ଦଶରଥପୁର ତହସିଲର ଅତିରିକ୍ତ ତହସିଲଦାର ବାବୁରାମ ମୁର୍ମୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିଲୋଚନ ସେଠୀ ଓ ତଳିହା ପଞ୍ଚାୟତର ସରପଞ୍ଚ ସୁଶ୍ରୀ ରଞ୍ଜିତା ଜେନା ପ୍ରମୁଖ ଯୋଗଦେଇ ଉକ୍ତ ଦିବସର ଇତିହାସ, ଏହାର ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିବା ସହ ଉପଯୁକ୍ତ ହିତାଧିକାରୀ ଡିଏଲ୍‌ଏସ୍‌ଏର ସହାୟତା ଆବଶ୍ୟକ ସ୍ଥଳେ କିପରି ନେଇପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଦିବସ ଉପଲକ୍ଷେ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପିଏଲଭି ମନୋରଞ୍ଜନ ଦୀକ୍ଷିତ, ସୁପ୍ରିୟା ସାହୁ ଓ ରୁଚିତା ରଥଙ୍କ ସମେତ ପ୍ରାଧିକରଣର କର୍ମଚାରୀ ସହଯୋଗ କରିଥିଲେ।

## ଠାକୁରପାଟଣା ବିଦ୍ୟାଳୟରେ ଶିକ୍ଷକ ତାଲିମ ଶିବିର



**ଶଙ୍ଖଚିଲା, ୯ ।୧୧(ସମିସ):** କୋରେଇ ବ୍ଲକ ଖମଣ ପଞ୍ଚାୟତ ଅନ୍ତର୍ଗତ ଠାକୁରପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଭାଗୃହରେ କୋରେଇ ବ୍ଲକର ଅପର ପ୍ରାଇମେରୀ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ୭ ତାରିଖରୁ ଆରମ୍ଭ ହୋଇ ଆଜି ଶେଷ ହୋଇଛି। ଏହି ଶିବିରକୁ କୋରେଇ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ଓ ସିଆରସିସି ପ୍ରଦୀପ ସାହୁ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ସକାଳ ୧୦ ଘଟିକାରେ ଦୀପଦାନ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷକଙ୍କ ସହିତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରୀତାଞ୍ଜଳି ପୃଷ୍ଟି ଓ ପରିଚାଳନା କମିଟି ସଭାପତି ଅଶୋକ କୁମାର ବେହେରା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହି ତାଲିମର ଗୁରୁତ୍ୱ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସ୍କୁଲର ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଭାସିନୀ ସାହୁ, ପ୍ରତୀମା ମିଶ୍ର, ପ୍ରିୟଙ୍କା ଖୁଣ୍ଟିଆ, ରାଧାରାଣୀ ସାହୁ ଓ ବିଦ୍ୟାଳୟ କମିଟି ସଭ୍ୟ ସନ୍ତୋଷ ସାହୁ, ହରିହର ଦାସ, ବିଜୟ ସାହୁ, ରବୀନ୍ଦ୍ର ସାହୁ, ଉଦୟ ସାହୁ, ଶ୍ରୀମତୀ ପୁଷ୍ପଲତା ମାଝୀ, ଉର୍ମିଳା ସାହୁ, ରୀନା ବିନ୍ଧାଣି ସହଯୋଗ କରିଥିଲେ।

## ଉଦ୍ଧାର ନାବାଳକ ପରିବାରକୁ ହସ୍ତାନ୍ତର

**ପାଣିକୋଇଲି, ୯ ।୧୧(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁରରୁ ଘରୁ ରାଗି ସାଇକଲ ଯୋଗେ ଆସିଥିବା ଜଣେ ନାବାଳକକୁ ଉଦ୍ଧାର କରାଯାଇ ପାଣିକୋଇଲି ଥାନା ଜରିଆରେ ପରିବାରକୁ ହସ୍ତାନ୍ତର କରାଯାଇଛି। ବାସୁଦେବପୁର ମେରାଇନ ଥାନା ଅନ୍ତର୍ଗତ ଅଡୁଆ ଗ୍ରାମର ବୈକୁଣ୍ଠ ମଲିକଙ୍କ ବଡ଼ପୁଅ ମାନସ ମଲିକ (୧୩) ଗତ ୮ ତାରିଖରେ ଘରୁ ରାଗି ସାଇକଲ ଧରି ପଳାଇ ଆସିଥିଲା। ଷଠିପୁର ପେଟ୍ରୋଲ ପମ୍ପ ନିକଟରେ ତାକୁ ଦେଖି ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ସୋଡି ଗ୍ରାମର ନାରାୟଣ ଦାସ ଉଦ୍ଧାର କରି ନିଜ ହେପାଜତରେ ରଖିଥିଲେ। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳଙ୍କୁ ଜଣାଇବା ପରେ ସେ ପିଲାକୁ ଥାନାକୁ ଆଣି ତା'ର ପରିବାର ସହ ଯୋଗାଯୋଗ କରିଥିଲେ। ଆଜି ଅପରାହ୍ନରେ ନାବାଳକର ମାଆ ଦ୍ରୌପଦୀ ମଲିକ ଓ ମଉସା ପହଞ୍ଚିବା ପରେ ପାଣିକୋଇଲି ଥାନାରୁ ମାନସକୁ ହସ୍ତାନ୍ତର କରାଯାଇଛି।

## ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଯାଜପୁର, ୯ ।୧୧(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ ପଞ୍ଚାୟତ ବରୁଆଁ ଗ୍ରାମର ଦୁର୍ଯ୍ୟୋଧନ ଜେନା ୭ ତାରିଖରେ ଖରସ୍ରୋତା ନଦୀରେ ଶୌଚ ହେବାକୁ ଯାଇ ବୁଡ଼ି ନିଖୋଜ ହୋଇଯାଇଥିଲେ। ଏ ସମ୍ପର୍କରେ ଦୁର୍ଯ୍ୟୋଧନଙ୍କ ପୁଅ ଚନ୍ଦନ ଜେନା ସଦର ଥାନାରେ ଅଭିଯୋଗ କରିଥିଲେ। ପରେ ବରୁଆଁ ଅଗ୍ନିଶମ ବିଭାଗ ଦୁଇଦିନ ଧରି ଖୋଜାଖୋଜି କରିପାଇ ନ ଥିଲେ। ଆଜି ସାହାସପୁର ପଞ୍ଚାୟତର ଉଆଁରକୂଳ ନିକଟରେ ଦୁର୍ଯ୍ୟୋଧନଙ୍କ ମୃତଦେହ ଭାସୁଥିବା ଖବର ପାଇ ସଦର ଥାନା ସବ୍‌ଇନ୍ସପେକ୍ଟର ନିର୍ମଳ ଚନ୍ଦ୍ର ସାହୁ ପହଞ୍ଚି ବରୀ ଅଗ୍ନିଶମ ଓ ଜରୁରୀ ସେବା ବାହିନୀ ସହାୟତାରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ସାମ୍ବାଦିକଙ୍କ ମାତୃ ବିୟୋଗ



**କୋରେଇ, ୯ ।୧୧( ସମିସ):** ଯାଜପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ପୃଷ୍ଟିଙ୍କ ମାଆ ସୀତା ଦେବୀଙ୍କ ୯୬ ବର୍ଷ ବୟସରେ ଶୁକ୍ରବାର ପରଲୋକ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ଥିବାବେଳେ ମସ୍ତିଷ୍କାଘାତରେ ପୀଡିତ ହୋଇ ଦୁଇଦିନ ତଳେ ଡୁବୁରୀସ୍ଥ ଟାଟା ମେଡିକାରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଥିବାବେଳେ ମୃତ୍ୟୁ ବରଣ କରିଥିଲେ। ସେ ଧର୍ମପରାୟଣା ଓ ମିଷ୍ଟଭାଷୀ ମହିଳା ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ।

## ରାହାସୋଇରେ ଗଣ୍ଡଗୋଳ ଘଟଣା

# ୨ କୋର୍ଟ ଚାଲାଣ; ମୁଖ୍ୟ ଅଭିଯୁକ୍ତ ଫେରାର

**ଦଶରଥପୁର, ୯।୧୧(ସମିସ)**

ଦଶରଥପୁର ବ୍ଲକ ଅନ୍ତର୍ଗତ ରାହାସୋଇ ପଞ୍ଚାୟତରେ ଗତକାଲି ଘଟିଥିବା ଗଣ୍ଡଗୋଳ ଘଟଣାରେ ପୁଲିସ ଆଜି ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅଧିକାର କର୍ମୀ ଅଶୋକ ପତି ଓ ତାଙ୍କ ପତ୍ନୀ ଲଳିତା, ମାଆ ଅନ୍ନପୂର୍ଣ୍ଣା ପତିଙ୍କୁ ରାହାସୋଇ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ସମର୍ଥକ ମରଣାନ୍ତକ ଆକ୍ରମଣ କରିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଘଟଣାରେ ଶୁକ୍ରବାରଠାରୁ ଥାନାରେ ଅଟକ ଥିବା ଅଭିଯୁକ୍ତ ଦୀପ୍ତିରଞ୍ଜନ ଓରଫ୍ ବାବୁ ପାଣିଗ୍ରାହୀଙ୍କ ସମେତ ଗାଁରୁ ପୁଲିସ୍ ହାବୁଡ଼ରେ ପଡ଼ି ଧରାପଡ଼ିଥିବା ପୁଟୁଲି ସେଠୀଙ୍କୁ ଶନିବାର ପୁଲିସ୍ କୋର୍ଟ ଚାଲାଣ କରିଛି। ସେହିପରି ଆଜି ସୂଚନା କର୍ମୀ ଅଶୋକଙ୍କ ମାଆ ଅନ୍ନପୂର୍ଣ୍ଣା ପତିଙ୍କ ଆଉ ଏକ



ଲିଖିତ ଅଭିଯୋଗ ଆଧାରରେ ପୁଲିସ୍ ରାହାସୋଇ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଶିବପ୍ରସାଦ ଓରଫ୍ ଟୁଲୁ ରଥଙ୍କ ସମେତ ପଞ୍ଚାୟତର କୁଟୁରି ସେଠୀ, ସୁକୁରିଆ ମଲ୍ଲିକ ଓ ଟୁଲୁଆ ମଲ୍ଲିକଙ୍କ ନାମରେ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରିବା ପାଇଁ ଦୁଇଟି ସ୍ୱତନ୍ତ୍ର ଟିମ୍ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଏହି ଘଟଣାକୁ ପୁଲିସ୍ ପ୍ରଶାସନ ଗୁରୁତ୍ୱ ପ୍ରଦାନ କରିଥିବାବେଳେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ୟଶପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶରେ ଜିଲ୍ଲା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଲେଙ୍କା ମାମଲାର ତଦନ୍ତ ଭାର ନିଜ ହାତକୁ ନେଇଛନ୍ତି। ଦଶରଥପୁର ଥାନା ପୁଲିସ୍ ଏହି ମାମଲାକୁ ନେଇ ୪ଟି କେସ୍ ରୁଜୁ କରିଛି।

ଶ୍ରୀ ଲେଙ୍କା ଆଜି ଦଶରଥପୁର ଥାନାରେ ପହଞ୍ଚି ସୂଚନା କର୍ମୀ ଅଶୋକ ପତି ଓ ତାଙ୍କ ପତ୍ନୀ ଲଳିତା, ମାଆ ଅନ୍ନପୂର୍ଣ୍ଣାଙ୍କ ସହ ଆଲୋଚନା କରିବା ପରେ ରାହାସୋଇ ଗ୍ରାମରେ ପହଞ୍ଚି ସରପଞ୍ଚଙ୍କ ସ୍ୱାମୀ ଟୁଲୁ ରଥ ଓ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଚଢ଼ଉ କରିଥିଲେ ହେଁ ଟୁଲୁ ରଥ ଓ ଅନ୍ୟମାନେ ଫେରାର ଥିବାରୁ ପୁଲିସ୍‌କୁ ଖାଲି ହାତରେ ଫେରିବାକୁ ପଡ଼ିଥିଲା। କେବଳ ଟୁଲୁ ରଥ ନୁହନ୍ତି ଏହି ଘଟଣାରେ ୧୦ରୁ ଅଧିକ ବ୍ୟକ୍ତି ପୁଲିସ୍ ସ୍କାନରରେ ରହିଛନ୍ତି। ସେମାନେ ଯେଉଁଠି ଥିଲେ ମଧ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଦିନେ ଦୁଇଦିନ ମଧ୍ୟରେ ନିଶ୍ଚିତ ଗିରଫ କରାଯିବ ବୋଲି ଶ୍ରୀ ଲେଙ୍କା କହିଛନ୍ତି।

ଏହି ଘଟଣାରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଓ କର୍ମକର୍ତ୍ତା ସର୍ବେଶ୍ୱର ବେହୁରାଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ଦଶରଥପୁର ଥାନାରେ ପହଞ୍ଚି ସୂଚନା କର୍ମୀ ଅଶୋକ ପତି ଓ ତାଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ରାଜ୍ୟ କର୍ମକର୍ତ୍ତା ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ ଦଣ୍ଡିତ ନ ହେବା ପର୍ଯ୍ୟନ୍ତ ତାଙ୍କ ପରିବାର ସହିତ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେବା ସହିତ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଲେଙ୍କାଙ୍କୁ ଭେଟି ମୁଖ୍ୟ ଅଭିଯୁକ୍ତ ସରପଞ୍ଚଙ୍କ ସ୍ୱାମୀ ଓ ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ସେହିପରି ଜିଲ୍ଲା ବିଜେପି ପକ୍ଷରୁ ସଭାନେତ୍ରୀ ବବିତା ମଲ୍ଲିକ ଶନିବାର ପୀଡ଼ିତଙ୍କ ଘରେ ପହଞ୍ଚି ସମବେଦନା ଜଣାଇଛନ୍ତି।

# ସରିଲା ଯାଜପୁରର ଗଣପର୍ବ କାଳୀପୂଜା







## ମା' ନେଲେ ମେଲାଣି

**ଯାଜପୁର, ୯ ।୧୧(ସମିସ)**

ଚଳିତ ବର୍ଷ ଧୂମଧାମରେ ଯାଜପୁରର ଗଣପର୍ବ କାଳୀପୂଜା ଶେଷ ହୋଇଛି। ମା' ମେଲାଣି ନେଇଛନ୍ତି। ଅନୁକୂଳ ପାଗ ଯୋଗୁଁ ପ୍ରତିଦିନ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ତେବେ ପ୍ରସ୍ତୁତି ସମୟରେ ବାତ୍ୟା 'ଦାନା'ର ପ୍ରଭାବ ଦେଖିବାକୁ ମିଳିଥିଲା। କିନ୍ତୁ ଏହାର କୌଣସି ପ୍ରଭାବ କାଳୀପୂଜା ପ୍ରସ୍ତୁତିରେ ପଡ଼ି ନ ଥିଲା। ସୁରୁଖୁରରେ କାଳୀପୂଜା ଆୟୋଜିତ ହୋଇଥିଲା। କାଳୀପୂଜା ଆୟୋଜନରେ ଶାନ୍ତି କମିଟି ଗଠନକୁ ନେଇ ଜିଲ୍ଲା ପ୍ରଶାସନ ଓ ଶାନ୍ତି କମିଟି ମଧ୍ୟରେ ବିବାଦ ଦେଖାଦେଇଥିଲା। ପରେ ଏହା ସମାଧାନ ହେବା ପରେ ବିରଜାଶ୍ରୀ ମେଳା ଆୟୋଜନକୁ ନେଇ ଜିଲ୍ଲା ପ୍ରଶାସନ ଓ ପୌରପ୍ରଶାସନ ମଧ୍ୟରେ ଛକାପଞ୍ଝା ହୋଇଥିଲେ। ଏହାକୁ ନେଇ ମେଳାକୁ ବାତିଲ କରାଯାଇଥିଲା। କିନ୍ତୁ ପୂଜା ଆୟୋଜନରେ କୌଣସି ସମସ୍ୟା ଦେଖାଦେଇ ନ ଥିଲା। ଚଳିତ ବର୍ଷ ସହରରେ ୪୦ରୁ ଉର୍ଦ୍ଧ୍ୱ କାଳୀ ଓ ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତି ପୂଜା ପାଇଥିଲେ। ପୂଜାକୁ ଶାନ୍ତିଶୃଙ୍ଖଳା ସହିତ ସମାପନ କରିବା ପାଇଁ ବାରମ୍ବାର ପ୍ରଶାସନ ଓ ଶାନ୍ତି କମିଟି ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ୭ ଦିନ ମଧ୍ୟରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାରଙ୍କ କଳା ପ୍ରଦର୍ଶନ କରିଥିଲେ।

ଗତକାଲି ପ୍ରଥମ ପର୍ଯ୍ୟାୟ ଭସାଣି ଉତ୍ସବରେ ୨୦ରୁ ଉର୍ଦ୍ଧ୍ୱ ମେଢ଼ ସାମିଲ ହୋଇଥିବାବେଳେ ଆଜି ୩୦ରୁ ଉର୍ଦ୍ଧ୍ୱ ମେଢ଼ ସାମିଲ ହୋଇଥିଲେ। ପ୍ରତ୍ୟେକ ପୂଜା କମିଟିକୁ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସମୟ ଅନୁଯାୟୀ ରୋଷଣୀ କରାଯାଇ ମା'ଙ୍କୁ ନିଆଯାଇଥିଲା। ଦେବୀଗଡ଼ା ଘାଟରେ ବୈତରଣୀ ନଦୀରେ ତିଆରି ହୋଇଥିବା କୃତ୍ରିମ ପୋଖରୀରେ ମା' କାଳୀ ଓ ଲକ୍ଷ୍ମୀନାରାୟଣଙ୍କୁ ବିସର୍ଜନ କରାଯାଇଥିଲା। ପ୍ରତ୍ୟେକ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ।

## ଆନ୍ତର୍ଜାତିକ ମାନବାଧିକାର ଦିବସ ପ୍ରସ୍ତୁତି ବୈଠକ

**ଜାରକା, ୯।୧୧(ସମିସ):** ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ମାନବାଧିକାର ଦିବସ ଆଗାମୀ ଡିସେମ୍ବର ୧୦ ତାରିଖରେ ଜାରକାସ୍ଥ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏ ଉପଲକ୍ଷେ ଜାତୀୟ ମାନବ ଅଧିକାର ସଂଗଠନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରାଷ୍ଟ୍ରୀୟ ଉପସଭାପତି ତପନ କୁମାର ପତି, ରାଜ୍ୟ ସଂଯୋଜକ ସତ୍ୟରଞ୍ଜନ ନାୟକ, ଜିଲ୍ଲା ସଭାପତି ନାରାୟଣ ମଲିକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତୁ ବେହେରା, ଉପଦେଷ୍ଟା କୃଷ୍ଣ ଜେନା, କାର୍ଯ୍ୟକର୍ତ୍ତା ଶୁଭକାନ୍ତ ନାୟକ, ମନୋଜ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଡିସେମ୍ବର ୧୦ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ସୁଚାରୁରୂପେ ଆୟୋଜନ କରାଯିବା ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ଡିସେମ୍ବର ୧୦ ତାରିଖରେ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ରବିନାରାୟଣ ବେହେରା, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ, ରାଜ୍ୟ ଓ ସମସ୍ତ ଜିଲ୍ଲାର ପଦାଧିକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସଂଗଠନର ମୁଖପତ୍ର 'ମୋ ଅଧିକାର' ପତ୍ରିକା ଉନ୍ମୋଚିତ ହେବ।

## ରୋଗୀ କଲ୍ୟାଣ ସମିତି ବୈଠକ




**ବରି, ୯।୧୧(ସମିସ):** ବରି ରୋଗୀ କଲ୍ୟାଣ ସମିତି ବୈଠକ ସ୍ଥାନୀୟ ବରି ଜଳସମ୍ପଦ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବରି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗ ଦେଇଥିବାବେଳେ ବରି ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ରେଡ୍ଡି, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟସାଚୀ ଦାସ, ଡକ୍ଟର ଶଶୀକାନ୍ତ ସାହୁ, ବିଡିଏମ ମୃତ୍ୟୁଞ୍ଜୟ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ ନାୟକ, ଅଜୟ ଦାସ, ବିଜୟ ନନ୍ଦ, ବିଦ୍ୟାଧର ମଲ୍ଲିକ, ସଞ୍ଜୟ ଦାସ, କମିଟି ସଦସ୍ୟ ବିଜୟ ସାହାଣୀ, ପ୍ରମୋଦ ନାଥଶର୍ମା, ଦିଲ୍ଲୀପ ବେହେରା, ଦୁଷ୍ମନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନିୟମିତତାକୁ ନେଇ ବରି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ଓ ବିଭିନ୍ନ ପରୀକ୍ଷା ନିରୀକ୍ଷା ପାଇଁ ରୋଗୀ ଅସୁବିଧାର ସମ୍ମୁଖୀନ ହେବା ଘଟଣାକୁ ଗୁରୁତ୍ୱ ଦେବାକୁ ବରି ବିଧାୟକ ତାଗିଦ୍ କରିଥିଲେ। ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଉଥିବାବେଳେ ନିକଟ ଅତୀତରେ ଓଡ଼ିଶାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ପାଇଥିବାବେଳେ ବରି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ମାତ୍ର ଡାକ୍ତର ନିଯୁକ୍ତି ପାଇ ନ ଥିଲେ। ତେଣୁ ଆବଶ୍ୟକୀୟ ଡାକ୍ତର ପଦବୀ ଓ ଚିକିତ୍ସା ସୁବିଧା ପ୍ରସଙ୍ଗ ଆଗାମୀ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଧାୟକ ଶ୍ରୀ ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଖୁବ୍‌ଶୀଘ୍ର ବରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନଚିତ୍ର ବଦଳାଇବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଧର୍ମଶାଳା ସଂକୀର୍ତ୍ତନ କଳା ପରିଷଦର ବୈଠକ



**ଜାରକା, ୯।୧୧(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥ ତ୍ରିନାଥ ମନ୍ଦିର ପରିସରରେ ରବିବାର ପୂର୍ବାହ୍ନରେ ଧର୍ମଶାଳା ସଂକୀର୍ତ୍ତନ କଳା ପରିଷଦ ମଣ୍ଡଳୀର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହୃଷିକେଶ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୪୫ଟି ପଞ୍ଚାୟତର ସଂକୀର୍ତ୍ତନ ମଣ୍ଡଳୀ କଳାକାର ଯୋଗଦେଇଥିଲେ। ଏଥିରେ ସଂକୀର୍ତ୍ତନ, ନାମ କୀର୍ତ୍ତନ, ଭଜନ ଆଦି ପୌରାଣିକ କାର୍ଯ୍ୟକ୍ରମର କିଭଳି ବିକାଶ ହୋଇପାରିବ, ତାହା ଉପରେ ଆଲୋଚନା କରାଯାଇଥିଲା। ଏ ଅବସରରେ ସଂଗଠନର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଶୁଭକାନ୍ତ ନାୟକ, କାର୍ଯ୍ୟକାରୀ ସଭାପତି ମୁରଲୀଧର ପାଣ୍ଡବ, ଉପସଭାପତି ମହେଶ୍ୱର ବେହେରା, ଅନନ୍ତ ଚରଣ ବିଶ୍ୱାଳ, ଗିରିଧାରୀ ବେହେରା, ସମ୍ପାଦକ ହୃଷିକେଶ ବେହେରା, ସହସମ୍ପାଦକ ଭାବେ ରାମଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଭାବେ ଅମରେଶ ଦାସଙ୍କୁ ମନୋନୀତ କରାଯାଇଥିଲା। ନୂତନ ସଦସ୍ୟ ଭାବେ ସଚ୍ଚିଦ୍ର ଦାସ, ଉତ୍ତମ ସୁତାର, ଯୋଗେନ୍ଦ୍ର ପଲେଇ, ମଦନମୋହନ ଦାସ, ଦଶରଥ ନାଥ, ଅତୁଳ ବେହେରା, ଅକ୍ଷୟ ନାୟକ, ରାମଚନ୍ଦ୍ର ବାରିକ, ବିଦ୍ୟାଧର ମହାନ୍ତି, ଉପଦେଷ୍ଟା ଭାବେ କରୁଣାକର ବରାଳ, ଆତୁଳ ରାଉତ, ନୃସିଂହ ରାଉତ, ଶ୍ୟାମସୁନ୍ଦର ବାରିକ, ଦୁର୍ଯ୍ୟୋଧନ ଦାସ, ନୀଳମଣି ପରିଡ଼ା, ଅଜୟ ବେହେରାଙ୍କୁ ସର୍ବସମ୍ମତିକ୍ରମେ ମନୋନିତ କରାଯାଇଥିଲା। ଅନନ୍ତ ଚରଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ଉତ୍ସବ

**ଦଶରଥପୁର, ୯।୧୧ (ସମିସ):** ଦଶରଥପୁର ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଦଶରଥପୁର କନିଷ୍ଠ ଶିକ୍ଷକ ସଂଘ ଓ ନ୍ୟୁ ଏନ୍‌ପିଏସ ପ୍ରାଥମିକ ଶିକ୍ଷକ ସଂଘ ମିଳିତ ଆନୁକୂଲ୍ୟରେ ଦଶରଥପୁର ବ୍ଲକ ଶିକ୍ଷା ବିଭାଗ ଦ୍ୱାରା ଚଳିତବର୍ଷ ଅକ୍ଟୋବର ମାସରେ ନବନିଯୁକ୍ତ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ (ଯୋଜନା ଭିତ୍ତିକ)ଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।



ନ୍ୟୁ ଏନପିଏସ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅନ୍ୟତମ ଅତିଥି ଭାବେ କନିଷ୍ଠ ଶିକ୍ଷକ ସଂଘର ସଭାପତି ବିଚିତ୍ର ମଲ୍ଲିକ, ଭାଗୀରଥି ସାହୁ, ଦେବଦତ୍ତ ମିଶ୍ର ଓ ମୁଖ୍ୟଅତିଥି ଭାବେ ନ୍ୟୁ ଏନ୍‌ପିଏସ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ବିକାଶ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଭୂତି ରଣା, ସୁବ୍ରତ ଦାସ ଯୋଗ ଦେଇଥିଲେ। ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଗୁହାରି ଜଣାଇ ତାଙ୍କ ଅନୁମତି ନେଇ ନବନିଯୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏହି ସ୍ୱାଗତ କାର୍ଯ୍ୟକ୍ରମକୁ ସୁବ୍ରତ ନାୟକ, ବାଇଧର ସୋରେନଙ୍କ ତତ୍ତ୍ୱାବଧାନରେ ସୋନୁ କମଲ, ପ୍ରତିଭାରାଣୀ ବାଭି, ଶିଖାରାଣୀ ବେହେରା ଓ କାଞ୍ଚନବାଳା ନାୟକ ସମ୍ପାଦନ କରିଥିଲେ। ସଭାରେ ନବନିଯୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନିଜର ବୃତ୍ତିକୁ ନିଷ୍ଠାର ସହିତ ଗ୍ରହଣ କରି ଆମ ଦେଶ ପ୍ରଗତିରେ ସହଯୋଗ କରିବା ଭଳି ଛାତ୍ରଛାତ୍ରୀ ଗଠନ କରିବାକୁ ଆହ୍ୱାନ ଦିଆଯାଇଥିଲା। ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି ଆହ୍ୱାନକୁ କାର୍ଯ୍ୟକାରୀ କରିବାକୁ ଶପଥ ନେଇଥିଲେ। ପ୍ରିୟରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ନ୍ୟୁ ଏନ୍‌ପିଏସ ପ୍ରାଥମିକ ଶିକ୍ଷକ ସଂଘର ମାର୍ଗଦର୍ଶକ ପ୍ରବୀର ନାୟକ, ଏସ୍‌କେ ରିଜୱାନ, ବିଶ୍ୱଜିତ ଦାଶ, ସୁଧାଂଶୁ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲା କଲ୍ୟାଣ ବିଭାଗ ଶିକ୍ଷକ ସଂଘ ପୁନର୍ଗଠିତ

**ବଡ଼ଚଣା, ୯ ।୧୧(ସମିସ):** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଯାଜପୁର ଏଲିମେଣ୍ଟାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଆଜି ଜିଲ୍ଲା କଲ୍ୟାଣ ବିଭାଗ ଏଲିମେଣ୍ଟାରୀ ଶିକ୍ଷକ ସଂଘ ପୁନର୍ଗଠନ କରାଯାଇଛି। ଏ ନେଇ ବଡ଼ଚଣା ବ୍ଲକ ଅନ୍ତର୍ଗତ ମହାବିନାୟକ



ମନ୍ଦିର ରାସ୍ତା ଦ୍ୱାରଦେଶରେ ପ୍ରତିଷ୍ଠା କରାଯାଇଥିବା ହନୁମାନଜୀଉ ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ପ୍ରତି ବ୍ଲକର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଏକାଠି ହୋଇ ସଂଘ ବିଷୟରେ ଆଲୋଚନା କରିବା ସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ହିମାଂଶୁ ଶେଖର ମହାପାତ୍ର, ଉପସଭାପତି ରବୀନ୍ଦ୍ର ସାମଲ, ସମ୍ପାଦକ କୈଳାସ ସାହୁ, ଯୁଗ୍ମସମ୍ପାଦକ ମଦର ଗୁରୁ ଓ ସଂଗଠନ ସମ୍ପାଦକ ସୂର୍ଯ୍ୟନାରାୟଣ ସୋରେନ ଓ ଯଶୋଦା ଗାଗରାଇ, କୋଷାଧ୍ୟକ୍ଷ ମନୋଜ ଜେନା, ଜିଲ୍ଲା ସଂଯୋଜିକା ଲିପାରାଣୀ ଦାସ, ରୂପାରାଣୀ ଦାସ, ଅଡିଟର ଭାବେ ଦେବବ୍ରତ ଦାସ ଓ ଅରବିନ୍ଦ ମିଶ୍ର, ମିଡିଆ ସଂଯୋଜକ ଭାବେ ଆଶୁତୋଷ ଦେବୀ ପ୍ରସାଦ ରାଉତ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଏଥିସହିତ କଲ୍ୟାଣ ବିଭାଗର ଉପଦେଷ୍ଟା ଭାବେ ଅଶୋକ ବିଶ୍ୱାଳ, ଶ୍ୟାମସୁନ୍ଦର ପାତ୍ର, ଗୌତମ ଜେନା, ସଞ୍ଜୟ ମଲ୍ଲିକ, ସ୍ମୃତିରଞ୍ଜନ ରାଉତ ଓ ଶିବାନନ୍ଦ ରାଉତ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ନବନିର୍ବାଚିତ ସଭାପତି ଶ୍ରୀ ମହାପାତ୍ର ଆଗାମୀ ଦିନରେ ଶିକ୍ଷକଙ୍କର ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ ଯୁଗଳ କିଶୋର ବେହେରା ଧନ୍ୟବାଦ ଦେଇଥିଲେ।

## ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ



**ଦଶରଥପୁର, ୯।୧୧(ସମିସ):** ଦଶରଥପୁର ବ୍ଲକ ଅର୍ନ୍ତଗତ ଚିତାଳୋସ୍ଥ ଚିତାଳୋ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବ୍ଲକସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନଗେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଆଲୋକ କୁମାର ବନ୍ଧ ଓ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା ପ୍ରମୁଖ ଯୋଗଦାନ କରିଥିଲେ। ଦଶରଥପୁର ବ୍ଲକର ୫୧ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଚଳିତ ମାସରେ ହେବାକୁ ଥିବା ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଯେଉଁଥିରେ ନିର୍ଦ୍ଧାରିତ ସମୟରେ ସରକାରୀ ନିର୍ଦ୍ଦେଶନୁଯାୟୀ ପ୍ରଧାନଶିକ୍ଷକ କାର୍ଯ୍ୟ ଶେଷ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ବନ୍ଧ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜିଲ୍ଲା ଶିକ୍ଷା ନିରୀକ୍ଷକ ଶମ୍ଭୁନାଥ ଦାଶ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ।

## ଗାଡ଼ି ଧକ୍କାରେ ୨ ଷଣ୍ଢ ମୃତ

**ପାଣିକୋଇଲି, ୯ ।୧୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ସାମ୍ନା ବିଦ୍ୟା କଲେଜ ନିକଟରେ ଶୁକ୍ରବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଦୁଇଟି ଷଣ୍ଢଙ୍କ ମୃତ୍ୟୁ ଘଟିଛି। ଦୁଇ ଷଣ୍ଢଙ୍କ ମୃତ ଶରୀରକୁ ସ୍ଥାନୀୟ ଗୋସେବକ ଉଦ୍ଧାର କରି ରୀତିନୀତି ଅନୁଯାୟୀ ଶେଷକୃତ ସମ୍ପନ୍ନ କରିଛନ୍ତି।

## କାଳୀପୂଜା ଚାନ୍ଦାକୁ ନେଇ ବ୍ୟବସାୟୀଙ୍କୁ ଆକ୍ରମଣ



**ଯାଜପୁର, ୯ ।୧୧(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ଲଳିତେଶ୍ୱର ଅଞ୍ଚଳରେ କାଳୀପୂଜା ଚାନ୍ଦାକୁ କେନ୍ଦ୍ର କରି ଭୁଜାଲିରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଜାଫରପୁର ଅଞ୍ଚଳର ମହେଶ୍ୱର ମାହୁନ୍ତ ଯାଜପୁର ସହରର ଲଳିତେଶ୍ୱର ନଗରରେ ବ୍ୟବସାୟିକ ଅନୁଷ୍ଠାନ କରିଛନ୍ତି। ସ୍ଥାନୀୟ ଲଳିତେଶ୍ୱର ପୂଜା କମିଟି ପକ୍ଷରୁ ତାଙ୍କୁ କାଳୀପୂଜା ପାଇଁ ୧୫ ହଜାର ଟଙ୍କା ଚାନ୍ଦା ଦାବି କରାଯାଇଥିଲା। ଆଜି କମିଟି ପକ୍ଷରୁ ବିନୟ ଭୂଷଣ ପଟ୍ଟନାୟକ (ନିଲୁ), ତରଣୀ ସେନ ପଟ୍ଟନାୟକ, ସୁଶାନ୍ତ ସାମଲ (କାଳିଆ) ଓ ମିଲନ ପାଟଶାଣି ଚାନ୍ଦା ପାଇଁ ଯାଇଥିଲେ। କିନ୍ତୁ ଏତେ ଟଙ୍କା ଦେବାକୁ ମହେଶ୍ୱର ଅରାଜି ହେବାରୁ ନିଲୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଭୁଜାଲିରେ ଆକ୍ରମଣ କରିଥିଲେ। ଏଥିରେ ବେକରେ ଥିବା ସୁନା ଚେନ କଟି ଯାଇଥିବାବେଳେ ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ଅନ୍ୟମାନେ ମଧ୍ୟ ଧମକ ଦେଇଥିଲେ। ଏହି ସମୟରେ ସ୍ଥାନୀୟ ବ୍ୟବସାୟୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସେ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଥିବାବେଳେ ସେହି ଆକ୍ରମଣ ସମୟର ଭିଡିଓ ଭାଇରାଲ ହେବାରେ ଲାଗିଛି। ତୁରନ୍ତ ଏହି ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି।

## ଭାରତୀୟ ଜ୍ଞାନ ବ୍ୟବସ୍ଥା ଓ ଜାତୀୟ ଶିକ୍ଷାନୀତି ସମ୍ପର୍କିତ କର୍ମଶାଳା

**ବଡ଼ଚଣା, ୯ ।୧୧(ସମିସ):** ଇଣ୍ଟରନାଲ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍‌ଫ ପକ୍ଷରୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ 'ଭାରତୀୟ ଜ୍ଞାନ ବ୍ୟବସ୍ଥା ଓ ଜାତୀୟ ଶିକ୍ଷାନୀତି' ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା ଅଧ୍ୟକ୍ଷ ପ୍ରଫେସର ପବିତ୍ର ମୋହନ ମାହାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତିରୁପତି ଜାତୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଖ୍ୟାତି ସମ୍ପନ୍ନ ସଂସ୍କୃତ ଭାଷାବିତ ଡଃ ହରେକୃଷ୍ଣ ଶତପଥୀ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ଜାତୀୟ ଶିକ୍ଷଣନୀତିର ମୌଳିକତାକୁ ଦର୍ଶାଇବା ସହିତ ଅତୀତ ଭାରତର ଗୌରବାବହ ସହ ବର୍ତ୍ତମାନର ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ ଜାତୀୟ ଶିକ୍ଷାନୀତିର ବିଶ୍ଳେଷଣ କରିବା ସହିତ ଅତୀତର ଜ୍ଞାନକୌଶଳକୁ ଭିତ୍ତିଭୂମି ରୂପେ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେଲ୍‌ଫ ସଂଯୋଜକ ପ୍ରଫେସର ପ୍ରମୋଦ ଖଣ୍ଡାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲେଜ ଶିକ୍ଷା ପରିଷଦର ସଂଯୋଜିକା ଅଧ୍ୟାପିକା ରଞ୍ଜିତା ସ୍ୱାଇଁ କର୍ମଶାଳା ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିବାବେଳେ ଅଧ୍ୟାପକ ଡଃ ସାମୁଏଲ ଲିମା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାରୁ ବହୁ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ। ଅଧ୍ୟାପକ



ନାରାୟଣ ମୁଦୁଲି, ପ୍ରଦୀପ ବରାଳ, ଶାନ୍ତନୁ ରାଉତରାୟ, ଭାଗ୍ୟଧର ନାୟକ, କିଶୋର ସାହୁ, ଡଃ ଦୀପକ ମିଶ୍ର, ଶମ୍ଭୁନାଥ ହେମ୍ବ୍ରମ, ଡଃ ସଞ୍ଜିତ ମହାନ୍ତି, ଅଧ୍ୟାପିକା ଡଃ ଅମ୍ବିକା ତ୍ରିପାଠୀ, ଡଃ ସରିତା ସେଠୀ, ନିରୂପମା ସ୍ୱାଇଁ ଓ ଗୀତାଞ୍ଜଳି ମହାନ୍ତିଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ବିଞ୍ଝାରପୁର, ୯।୧୧(ସମିସ):** ବିଞ୍ଝାରପୁର ଅଞ୍ଚଳର ବରିଷ୍ଠ ବିଜେଡି ନେତା ରାମଚନ୍ଦ୍ର ବେହେରାଙ୍କ ଭାଉଜ ତଥା ଜଗବନ୍ଧୁ ବେହେରାଙ୍କପତ୍ନୀ ସ୍ୱର୍ଣ୍ଣଲତା ବେହେରା (୫୮)ଙ୍କ ଦେହାନ୍ତ ହୋଇଯାଇଛି। ସେ ଗତ କିଛିଦିନ ଧରି ମସ୍ତିଷ୍କ ଆଘାତଜନିତ ରୋଗରେ ଆକ୍ରାନ୍ତ ଥିଲେ। ସେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁବରଣ କରିଥିଲେ। ବେଦବ୍ୟାସରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ମଧ୍ୟ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୁତ୍ର ଚନ୍ଦନ ବେହେରା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ସ୍ୱର୍ଣ୍ଣଲତା ଜଣେ ପରୋପକାରୀ ଓ ଧର୍ମପରାୟଣ ମହିଳା ଥିଲେ। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଶ୍ୟାମସୁନ୍ଦର ବେହେରା, ସଞ୍ଜୟ ବେହେରା, ଅତୁଲୁ ଦାଶ, ନୃସିଂହ ମିଶ୍ର, ବିଜୟ ଚାନ୍ଦ, ଦିବାକର ସାହୁ, ଗୁରୁପ୍ରସାଦ ମିଶ୍ର, ରବୀନ୍ଦ୍ର ବେହେରା, ଶିବପ୍ରସାଦ ବେହେରା, ବିଜୟ ମହାନ୍ତି ଓ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ସୁଶାନ୍ତ ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଧର୍ମଶାଳା ବ୍ଲକ୍ ପ୍ରଶାସନର ପଡୁନି ନଜର

# ୬ ପରିବାରଙ୍କ ଠିକଣା ନାହିଁ

**କବାଟବନ୍ଧ, ୯।୧୧ (ସମିସ)**

ଧର୍ମଶାଳା ବ୍ଲକରେ ପରିଚୟ ଓ ଠିକଣା ନ ଥିବା ଲୋକଙ୍କୁ ଦେଖିବାକୁ ମିଳୁଛି। କିନ୍ତୁ ବ୍ଲକ ପ୍ରଶାସନ ପାଖରେ କୌଣସି ଖବର ନାହିଁ। ଆଜିର ସମାଜରେ ବିନା କୌଣସି ପରିଚୟରେ ରହୁଥିବା ମଣିଷ କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଛି। ବର୍ଷେ ନୁହେଁ କି ୧୦ ବର୍ଷ ନୁହେଁ, ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ଧର୍ମଶାଳାରେ ବିନା ଠିକଣାରେ ପରିବାର ସହ ବସବାସ କରୁଛନ୍ତି ୬ ପରିବାର। ପ୍ରଶାସନ ପାଖରେ ଏମାନଙ୍କର କୌଣସି ଖବର ବା ସୂଚନା ନାହିଁ। ପ୍ରଶାସନର ନଜର ପଡୁ ନ ଥିବାରୁ ଏମିତି ଏକ ସମ୍ବେଦନଶୀଳ ଘଟଣା ଧର୍ମଶାଳା ବ୍ଲକ ପ୍ରଶାସନକୁ ଲଜ୍ଜିତ କରିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ସୂଚନା ମୁତାବକ, ଧର୍ମଶାଳା ବ୍ଲକ ଅନ୍ତର୍ଗତ ରଘୁନାଥପୁର-ଜେନାପୁର ରେଳ ଷ୍ଟେସନ ରାସ୍ତା କଡ଼ରେ କେତେକ ପରିବାର ଛୋଟ ଛୋଟ କୁଡ଼ିଆ କରି ବସବାସ କରୁଛନ୍ତି। ମାଟି କାଦୁଅ, ପାଣି, ସରୀସୃପ ସହିତ ରାସ୍ତା କଡ଼ରେ ବିଲ୍ ଭିତରେ ଏମାନଙ୍କ ଭବିଷ୍ୟତ ଅନିଶ୍ଚିତତା ହୋଇଯାଇଛି। ଖରା, ବର୍ଷା, ଶୀତ ସବୁ କିଛି ଏମାନଙ୍କ ପାଇଁ ସମାନ। ଦିନ ଓ ରାତିର କୌଣସି ପ୍ରଭାବ ଏମାନେ ଅନୁଭବ କରିନାହାନ୍ତି। ପ୍ରଶାସନ ମଧ୍ୟ ଏମାନଙ୍କୁ ସମ୍ପର୍କରେ କେବେ କିଛି ଜାଣିବା ପାଇଁ ଚେଷ୍ଟା କରିନାହିଁ। ଏମାନେ ୧୯୯୯ ମହାବାତ୍ୟା ପୂର୍ବରୁ ରହିଆସୁଥିବା କହୁଛନ୍ତି। ବହୁବର୍ଷ ଧରି ଝୁମ୍ପୁଡି ଭିତରେ ସଂଘର୍ଷ କରୁଥିବା ମଣିଷଙ୍କ ପାଖରେ ପହଞ୍ଚି ପାରିନି ଧର୍ମଶାଳା ବ୍ଲକ ପ୍ରଶାସନ। ଆଶ୍ଚର୍ଯ୍ୟର କଥା ଏମାନେ ଧର୍ମଶାଳାରେ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଆସୁଥିବାବେଳେ ଏମାନଙ୍କ ନିଜର ପରିଚୟ ଓ ଠିକଣା ବୋଲି କିଛି ନାହିଁ। ସେମାନେ ସମସ୍ତେ ବାଲେଶ୍ୱର ଜିଲ୍ଲା କହି ଆସୁଥିବାବେଳେ ଏମାନଙ୍କର କୌଣସି ବୈଧ କାଗଜପତ୍ର ନାହିଁ। ବିନା ଆଧାର କାର୍ଡ ଓ ଭୋଟ ପରିଚୟ ପତ୍ରରେ ଏମାନେ ଏତେ ବର୍ଷ ଧରି ରହି ଆସୁଥିବାବେଳେ ବ୍ଲକ ପ୍ରଶାସନ ପାଖରେ କୌଣସି ଖବର ନ ଥିବା ବେଶୀ ଆଶ୍ଚର୍ଯ୍ୟ କରୁଛି। ଛୋଟ ଶିଶୁଠାରୁ ବୟସର ଅପରାହ୍ନରେ ପହଞ୍ଚି ସରିଥିବା ବୃଦ୍ଧବୃଦ୍ଧା ବହୁ ଦୁଃଖରେ କୌଣସି ସରକାରୀ ସୁବିଧା ସୁଯୋଗ ନ ପାଇ ଅଭାବ ଅସୁବିଧାରେ କାଳାତିପାତ କରୁଛନ୍ତି। ବ୍ଲକ ଅଧିକାରୀ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକଙ୍କ ଦୁଃଖ ବୁଝୁଥିବାବେଳେ ଏମାନେ ରାସ୍ତା କଡ଼ରେ ଥିବା ଦୃଶ୍ୟକୁ କେମିତି ଦେଖି ପାରୁନାହାନ୍ତି ବ୍ଲକ ଅଧିକାରୀ। ରହିବା ଘର କହିଲେ ଖୁବ କମ ଉଚ୍ଚତାର କୁଡ଼ିଆ ସହିତ ଚାରିପଟେ ଖଟି ଓ ଚିରା ପିନ୍ଧା ଲୁଗା ଗୁଡେଇ ତା' ଭିତରେ ରହୁଥିବା ଦେଖିବାକୁ ମିଳିଛି। କବାଟ କହିଲେ କିଛି ନାହିଁ। ସେମାନଙ୍କ ସହିତ କୁକୁର ମଧ୍ୟ ତା' ଭିତରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି।

ସେହି ଭଙ୍ଗା ଚାଳିଆ ଭିତରେ ଏମାନେ ଦୀର୍ଘ ୨୫ ବର୍ଷ ଭିତରେ ୧୯୯୯ ମହାବାତ୍ୟା ସହିତ ଫାଇଲିନ, ହୁଡ଼ହୁଡ଼, ତିତିଲ, ଫନି, ବୁଲବୁଲ, ଅମ୍ପାନ, ଗୁଲାବ, ୟାସ, ଦାନା ଆଦି ବାତ୍ୟାର ଶିକାର ହୋଇଛନ୍ତି। ପରିଚୟପତ୍ର ନ ଥିବାରୁ ଏମାନେ କେବେ କେଉଁଦିନ କିଛି ବି ସହାୟତା ପାଇନାହାନ୍ତି। ଏମାନଙ୍କ ସମ୍ପୂର୍ଣ୍ଣ ଠିକଣା ନ ଥିଲେ ମଧ୍ୟ କଳା ସିଙ୍କୁ, ସରସ୍ୱତୀ ସିଙ୍କୁ, କୁନି ମୁଣ୍ଡା, ରାମ ଚାମ୍ପିଆ, କୁନି ଚାମ୍ପିଆ, ସୁମୀ ସିଙ୍କୁ, ଗୁରୁବାରି ଚାମ୍ପିଆ ଓ ଆହୁରି ଅନେକ ଏଠାରେ ରହିଆସୁଛନ୍ତି। ପ୍ରଶାସନ ପକ୍ଷରୁ ଏମାନଙ୍କ ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସେମାନେ ଅନୁରୋଧ କରିବା ସହିତ ସ୍ଥାନୀୟ ଲୋକେ ସେମାନଙ୍କ ଥଇଥାନ ଓ ପ୍ରମାଣ ପତ୍ର ପ୍ରଦାନ କରିବା ପାଇଁ ଦାବି କରିଛନ୍ତି।

# ବାରିପଦା ରକ୍ତଭଣ୍ଡାର ୨୦୨୦ରୁ ୫୯ ହଜାର ୟୁନିଟ୍ ସଂଗ୍ରହ

ବାରିପଦା, ୮ ।୧୧(ସମିସ)

ବାରିପଦା ରକ୍ତଭଣ୍ଡାର ମାଧ୍ୟମରେ ରକ୍ତ ସମସ୍ୟା ଦୂର କରିବା ପାଇଁ ନିୟମିତ କାର୍ଯ୍ୟ ପ୍ରକ୍ରିୟା ଜାରି ରହିଛି। ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଥିବା ବାରିପଦା ରକ୍ତ ଭଣ୍ଡାରରେ ବିଗତ ୨୦୨୦ରୁ ୪ବର୍ଷ ୧୦ମାସରେ ୫୯ ହଜାରରୁ ଅଧିକ ୟୁନିଟ ସଂଗୃହିତ ରକ୍ତ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଛି। ରକ୍ତ ଅଭାବ ଦୂର କରିବାକୁ ବିଭିନ୍ନ ସଙ୍ଗଠନ ଜରିଆରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ରକ୍ତ ସଂଗ୍ରହ ସଂଖ୍ୟା ବୃଦ୍ଧି ପାଇଛି। ତତସହିତ ରକ୍ତଭଣ୍ଡାରକୁ ମିଳିଥିବା ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଭ୍ୟାନ ଜରିଆରେ ଛୋଟଛୋଟ ଶିବିର ମାଧ୍ୟମରେ ରକ୍ତ ସଂଗ୍ରହ ବୃଦ୍ଧି ପାଉଛି।

୨୦୨୦ରେ ୧୧୯ଟି ରକ୍ତଦାନ ଶିବିର ଓ ୪୬୭୪ ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୭୯୯୩ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସେଥିମଧ୍ୟରୁ ୩୦୩ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୭୬୫୩ଜଣ ରୋଗୀ ଓ ୩୩୧୯ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି। ୨୦୨୧ ମସିହାରେ ୯୭ଟି ରକ୍ତଦାନ ଶିବିର ଓ ୪୧୬୪ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୮୦୦୫ୟୁନିଟ ରକ୍ତ ସଂଗୃହିତ ହୋଇଛି। ସେଥିମଧ୍ୟରୁ ୩୦୨ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୭୯୧୭ଜଣ ରୋଗୀ ଓ ୩୮୪୧ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି। ୨୦୨୨ରେ ୯୦ଟି ରକ୍ତଦାନ ଶିବିର ଓ ୪୬୩୪ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୧୦, ୫୭୭ୟୁନିଟ ରକ୍ତ ସଂଗୃହିତ ହୋଇଛି। ସେଥିମଧ୍ୟରୁ ୪୨୬ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୧୦, ୩୭୮ ଜଣ ରୋଗୀ ଓ ୫, ୯୪୩ ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି। ୨୦୨୩ ମସିହାରେ ୧୦୮ଟି ରକ୍ତଦାନ ଶିବିର ଓ ୬୮୫୧ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୧୨, ୪୩୯ୟୁନିଟ




ସଂଗୃହିତ ହୋଇଛି। ସେଥିମଧ୍ୟରୁ ୩୭୯ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୧୧୯୨୪ଜଣ ରୋଗୀ ଓ ୫, ୫୮୮ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି। ୨୦୨୪ ସେପ୍ଟେମ୍ବର ମାସ ସୁଦ୍ଧା ୬୨ଟି ରକ୍ତଦାନ ଶିବିର ଓ ୩୧୫୨ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୧୦, ୪୦୯ୟୁନିଟ ରକ୍ତ ସଂଗୃହିତ ହୋଇଛି। ସେଥିମଧ୍ୟରୁ ୧୯୯ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୧୨, ୮୪୬ଜଣ ରୋଗୀ ଓ ୭, ୨୫୭ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି। ରକ୍ତ ସଂଗ୍ରହ କରିବା କ୍ଷେତ୍ରରେ ଜୀବନବିନ୍ଦୁ, ରକ୍ତଦାନ ଶିବିର, ରକ୍ତ ଭଣ୍ଡାର ପ୍ରତିଦିନ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବେଶ୍ ସହାୟକ ହେଉଛନ୍ତି। ଏଥିସହିତ ତତ୍କାଳୀନ ସରକାର ସମୟରେ ବାରିପଦା ରକ୍ତ ଭଣ୍ଡାରକୁ ପ୍ରଦାନ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଗାଡି ଜରିଆରେ ବଢୁଛି ରକ୍ତ ସଂଗ୍ରହ ବହୁ ବଢ଼ିଛି। ଭ୍ରାମ୍ୟମାଣ ଗାଡି ଗାଁ ସହର ସବୁଠି ଯାଇ ଶିବିର କରି ରକ୍ତ ସଂଗ୍ରହ କରୁଛନ୍ତି। ବାରିପଦା ରକ୍ତ ଭଣ୍ଡାରରେ ବର୍ତ୍ତମାନ ରକ୍ତକେନ୍ଦ୍ର ଅଧିକାରୀ ଡା ସୌମ୍ୟ ରଞ୍ଜନ ନାୟକଙ୍କ ସମେତ ଜଣେ ଲେଖାଏଁ ମେଡିକାଲ, ଟେକ୍ନିକାଲ ସୁପରଭାଇଜର, ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଫିସ ଆସିଷ୍ଟାଣ୍ଟ, କାଉନସେଲର, ଆକାଉଣ୍ଟାଣ୍ଟ (ପାର୍ଟ ଟାଇମ୍) ଓ ଡାଟା ମ୍ୟାନେଜମେଣ୍ଟ ଆସିସଟାଣ୍ଟ ରହିଛନ୍ତି। ସେହିପରି ୧୧ଜଣ ମେଡିକାଲ ଲ୍ୟାବରେଟୋରି ଟେକନିସିଆନ, ୨ ଜଣ ନର୍ସିଂ ଅଫିସର ଓ ୪ଜଣ ଆଟେନଡାଣ୍ଟ ରହିଛନ୍ତି। ଏଠାରେ ଉନ୍ନତ ମେସିନ ମାନ ରହିଥିବା ବେଳେ ଆହୁରି ଅତ୍ୟାଧୁନିକ ଜ୍ଞାନକୌଶଳର ମେସିନର ଆବଶ୍ୟକତା ରହିଛି।

## ସାତ ଦିନ ପଞ୍ଚାନନ ବେଶରେ ଦର୍ଶନ ଦେବେ ବାବାମଣି

**ଭଦ୍ରକ/ଆରଡ଼ି, ୮ ।୧୧(ସମିସ):** ଆରଡ଼ିପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପ୍ରଚଳିତ ବିରଜା ପଞ୍ଜିକା ଅନୁଯାୟୀ ଶନିବାର ପବିତ୍ର ଅଳାଁନବମୀ ଅବସରରେ ଭାଗବତ ସପ୍ତାହ ନୀତି ଆରମ୍ଭ ହୋଇଛି। ଏହି ଅବସରରେ ୭ଦିନ ଧରି ମଣିବାବା ପଞ୍ଚାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଏଥିପାଇଁ ପ୍ରତିଦିନ ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତି, ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ ହେବା ପରେ କାର୍ତ୍ତିକବ୍ରତ ନିମନ୍ତେ ମଣିବାବାଙ୍କୁ ନବବସ୍ତ୍ର, ଚନ୍ଦନ, ବେଲପତ୍ର ଆଦି ଲାଗି କରାଯାଇ ଦିଗମ୍ବର ବେଶରେ ପଞ୍ଚୁକ ବାଲ୍ୟଭୋଗ ଲାଗି କରାଯିବ।

**ରାହାସ ପୂର୍ଣ୍ଣିମାରେ ଦୁର୍ଲଭ ହରଗୌରୀ ବେଶ**



ଏଥିସହ ଭୋର ୫ଟାରୁ ରାତି ୧୦ଟା ଯାଏଁ ଶ୍ରଦ୍ଧାଳୁମାନଙ୍କ ପାଇଁ ସାହଣମେଲା କରାଯିବା ସହ ପୂଜାର୍ଚ୍ଚନା କରାଯାଉଛି। ମଧ୍ୟାହ୍ନ ୧ଟାରେ ବାବାଙ୍କୁ ପଞ୍ଚାନନ ବେଶରେ ସଜ୍ଜିତ କରାଯାଇ ବଡ ଅନ୍ନନୀତି ଭୋଗ ଲାଗି କରାଯିବ। ସେହିପରି ଅପରାହ୍ଣରେ ବଡସିଂହାର ବେଶ ସହ ସନ୍ଧ୍ୟାରେ ଷୋଡ଼ଶ ଉପଚାର ନୀତି କରାଯିବ। ପରେ ମନ୍ଦିର ପ୍ରାଙ୍ଗଣରେ ଭାଗବତ ସପ୍ତାହ ନିମନ୍ତେ ଘଟ ଉତୋଳନ, ଦ୍ୱାରପାଳ ପୂଜା, ପଞ୍ଚ ଉପଚାର ସହ ଭାଗବତ ପଠନ ଓ ଯଜ୍ଞ ଅନୁଷ୍ଠିତ ହେବ। ଆସନ୍ତା ରାହାସ ପୂର୍ଣ୍ଣିମାରେ ବାବା ହରଗୌରୀ ବେଶରେ ଦର୍ଶନ ଦେବେ। ଏଥିପାଇଁ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ କରାଯାଇଛି।

## ଝିଙ୍କିରିଆ ଦୁର୍ଘଟଣାରେ ମାମଲା ରୁଜୁ

**ମୋରଡା, ୯।୧୧(ସମିସ):** ମୋରଡ଼ା ଥାନା ଅନ୍ତର୍ଗତ ଝିଙ୍କିରିଆ ବାଙ୍କ ଛକ ନିକଟରେ ଚଳିତ ମାସ ଦୁଇ ତାରିଖ ଶନିବାର ବେପରୁଆ କାର ଚାଳକ ଦୁଇଟି ବାଇକକୁ ଧକ୍କା ଦେବା ଫଳରେ ଦୁଇ ବାଇକ ଚାଳକ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ୭ ତାରିଖ ଏନେଇ ଅଭିଯୋଗ ପରେ ପୁଲିସ ଉକ୍ତ ଦୁର୍ଘଟଣା ସମ୍ପର୍କିତ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗକାରୀ ହେଲେ ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନାଞ୍ଚଳର ରାଜେନ୍ଦ୍ର ମହାନ୍ତ। ରାଜେନ୍ଦ୍ର ତାଙ୍କ ସ୍ତ୍ରୀ, ୧୧ ବର୍ଷର ପୁଅ ସହ ବାଇକ (ଓଡି-୦୧ଆର-୮୯୧୯) ଯୋଗେ ରାସଗୋବିନ୍ଦପୁର ଥାନା ପଳାସ ଗ୍ରାମସ୍ଥିତ ତାଙ୍କ ଶଶୁର ଘରକୁ ଯାଉଥିବା ସମୟରେ ଝିଙ୍କିରିଆ ଛକ ନିକଟରେ ଅନ୍ୟ ଏକ ବାଇକ (ଓଡି-୧୧-୫୦୧୨)ରେ ଯାଉଥିବା ବ୍ୟକ୍ତିଙ୍କ ଏକ ଧଳା ରଙ୍ଗର କାର (ଓଡି-୦୧-ଏକେ-୧୦୩୬) ସହ ଧକ୍କା ହୋଇଥିଲା। ବାଇକ ଚାଳକ ଜଣକ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। କାରର ବନେଟ ରାଜେନ୍ଦ୍ରଙ୍କ ବାଇକରେ ମାଡ଼ ହେବାରୁ ସେମାନେ ରାସ୍ତା କଡ଼ରେ ଥିବା କେନାଲରେ ପଡ଼ି ଯାଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ କରିଥିବା ବେଳେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ରାଜେନ୍ଦ୍ର ଚିକିତ୍ସିତ ହୋଇ ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମୋରଡ଼ା ଥାନାଧିକାରୀ ସତ୍ୟନାରାୟଣ ବଳ କହିଛନ୍ତି, ଉକ୍ତ ଗାଡ଼ିଟିରେ ମୋରଡ଼ା ବ୍ଲକ ଉପାଧ୍ୟକ୍ଷ ଜେମାମଣି ମହାନ୍ତ ଥିବାର ସୂଚନା ଥିବା ବେଳେ ପ୍ରକୃତ ଗାଡ଼ି ମାଲିକ କିମ୍ବା ଚାଳକଙ୍କ ସନ୍ଧାନ ମିଳିପାରି ନାହିଁ।

## ଆପତ୍ତିଜନକ ଫଟୋ ଭାଇରାଲ ଅଭିଯୋଗରେ ଯୁବକ ଗିରଫ



**ସୁକିନ୍ଦା, ୯।୧୧(ସମିସ):** ଜଣେ ନାବାଳିକାର ଆପତ୍ତିଜନକ ଫଟୋ ଭାଇରାଲ କରିବା ଅଭିଯୋଗରେ କଳିଙ୍ଗନଗର ପୁଲିସ ସୁଧୀର ନାୟକ ନାମକ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ଧରଣୀଧର ନାୟକଙ୍କ ପୁଅ ସୁଧୀର ନାଏକ (୨୦) ର କଳିଙ୍ଗନଗର ଥାନା ବାରଗାଡ଼ିଆ ଅଞ୍ଚଳର ଜଣେ ନାବାଳିକା ସହିତ ସୋସିଆଲ ମିଡ଼ିଆରେ ବନ୍ଧୁତା ହୋଇଥିଲା। ଚାଟିଂ ମାଧ୍ୟମରେ ଦୁହେଁ ନିକଟତର ହୋଇଥିଲେ। କିଛିଦିନ ପରେ ସମ୍ପୃକ୍ତ ଯୁବକ ନାବାଳିକାର କିଛି ଆପତ୍ତିଜନକ ଫଟୋ ନେଇଥିଲା। ଏହି ଫଟୋ ରଖିବା ପରେ ନାବାଳିକାକୁ ବ୍ଲାକମେଲ କରିବା ଆରମ୍ଭ କରିଥିଲା। ଦିନକୁ ଦିନ ଯୁବକ ନାବାଳିକାକୁ ଧମକ ଦେବା ସହ ବିଭିନ୍ନ ଆପତ୍ତିଜନକ ଫଟୋ ଭାଇରାଲ କରିଥିଲା। ଶେଷରେ କୌଣସି ଉପାୟ ନ ପାଇ ନାବାଳିକା ପରିବାର ସହ କଳିଙ୍ଗନଗର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। କଳିଙ୍ଗନଗର ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଯୁବକକୁ ଚାପିଦେଲା ଟ୍ରକ୍

**ବାସୁଦେବପୁର, ୯ ।୧୧(ସମିସ):** ବାସୁଦେବପୁର ସହରର ଟ୍ରାଫିକ ଛକରେ ଆଜି ମଧ୍ୟାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଧାମରା ବନ୍ଦରକୁ ପରିବହନ ହେଉଥିବା ଏକ ଲୁହାପଥର ବୋଝେଇ ଟ୍ରକ୍ ଚାପାରେ ସ୍ଥାନୀୟ ଥାନା ସ୍ଥିତ ଗୁଆଗଡ଼ିଆ ଗ୍ରାମର ବୈରାଗୀ ନାୟକଙ୍କ ପୁଅ ପରେଶ ଗୁରୁତର ହୋଇଛି। ପରେଶଙ୍କ ଦୁଇ ଗୋଡ ଉପରେ ଚକା ଚଢ଼ି ଯାଇଥିବା ବେଳେ ସେ ଗୁରୁତର ଆହତ ହୋଇଥିଲେ। ପ୍ରତ୍ୟକ୍ଷଦର୍ଶୀ ଘଟଣାସ୍ଥଳରୁ ସଞ୍ଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରା ଯାଇଥିବା ସୂଚନା ରହିଛି। ସ୍ଥାନୀୟ ସହରରେ କାଳୀ ପୂଜାକୁ ନେଇ ଭିଡ ରହିଥିବା ସମୟରେ କିପରି ଭାରୀ ଜାନ ଚଳାଚଳ କରିଥିଲା। ଆଉ ବେପରୁଆ ଟ୍ରକ୍ ଚାଳକର ଚାଳନା ପାଇଁ ଆଜି ଏମିତି ଦୁର୍ଘଟଣା ଘଟିଛି ବୋଲି ଉତେଜନା ପ୍ରକାଶ ପାଇଥିଲା। ଆଜି ପରେଶ ବାଇକ ଯୋଗେ ସହର ରାସ୍ତାରେ ଯାଉଥିବା ବେଳେ ପଛ ପଟୁ ଏକ ଟ୍ରକ ଧକ୍କା ଦେବା ପରେ ଛିଟିକି ପଡ଼ିଥିଲା ପରେଶ। ଆଉ ଉକ୍ତ ଟ୍ରକଟି ପରେଶର ଗୋଡ ଉପରେ ଚଢି ଯାଇଥିଲା। ଘଟଣାସ୍ଥଳରେ ପରେଶର ୨ଗୋଡ ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଁଚି ଉତେଜନାକୁ ନିୟନ୍ତ୍ରଣ କରିବା ସହିତ ଟ୍ରକଟିକୁ ଥାନାରେ ଅଟକ ରଖିଛି।

**ପ୍ରସ୍ତାବିତ ଚକଧର ପ୍ରକଳ୍ପ**

## ବିଧାୟକଙ୍କୁ ଭେଟିଲା ସମନ୍ୱୟ ସମିତି



**ତେଲକୋଇ, ୯।୧୧(ସମିସ):** ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଆଜି ତେଲକୋଇ ଗସ୍ତରେ ଆସିଥିବା ବେଳେ ସମାକୋଇ ଚକଧର ସମନ୍ୱୟ ସମିତି ପକ୍ଷରୁ ବିଧାୟକଙ୍କୁ ଭେଟି ପ୍ରସ୍ତାବିତ ଚକଧର ପ୍ରକଳ୍ପ ବିଷୟରେ ଆଲୋଚନା କରିଥିବା ଜଣାପଡ଼ିଛି। ସ୍ଥାନୀୟ ଚଷା ସମାଜ ଗୃହରେ ଅନୁଷ୍ଠିତ ଆଲୋଚନାରେ ବିଧାୟକ ଡାକ୍ତର ଶ୍ରୀ ନାଏକଙ୍କୁ ପ୍ରସ୍ତାବିତ ଚକଧର ଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦାବି କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଧାୟକ ଶ୍ରୀ ନାଏକ, ସରକାର ଚକଧର ପ୍ରକଳ୍ପ ପାଇଁ କୌଣସି ଅର୍ଥ ମଞ୍ଜୁରୀ କରି ନଥିବା ସ୍ପଷ୍ଟ ସୂଚନା ଦେଇଛନ୍ତି। ଏହା ସହିତ ବିଧାୟକ ଶ୍ରୀ ନାଏକ ସର୍ବଦା ଚକଧର ସମନ୍ୱୟ ସମିତି ସହିତ ରହିଥିବା ପ୍ରକାଶ କରିଥିଲେ। ଏଇ ନିକଟରେ ବିଧାୟକଙ୍କ ନେତୃତ୍ୱରେ ପୁଣି ସମନ୍ୱୟ ସମିତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବ ବୋଲି କାର୍ଯ୍ୟକ୍ରମ ରହିଥିବା କୁହାଯାଇଛି। ଅନ୍ୟପଟେ ପ୍ରସ୍ତାବିତ ଚକଧର ପ୍ରକଳ୍ପ ସମ୍ପୂର୍ଣ୍ଣ ବନ୍ଦ ନହେଲେ ସମନ୍ୱୟ ସମିତି ଆଗାମୀ ଦିନରେ ବିଧାନସଭା ଘେରଉ କରିବା ସହିତ ଧାରଣାରେ ବସିବ ବୋଲି ଚେତାବନୀ ଦେଇଛି। ଏହା ସହିତ ତେଲକୋଇ - ବିମଳା ପୂର୍ତ୍ତ ରାସ୍ତା ଶୋଚନୀୟ ଓ ତେଲକୋଇ ଅଞ୍ଚଳରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତକୁ ନେଇ ସମନ୍ୱୟ ସମିତି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି କାର୍ଯ୍ୟକ୍ରମରେ ସମନ୍ୱୟ ସମିତିର ଉପଦେଷ୍ଟା ବାବୁଲାଲ ପ୍ରଧାନ, ସମ୍ପାଦକ ଲକ୍ଷ୍ମୀଧର ପ୍ରଧାନ, ସଂଗ୍ରାମୀ ହଟ କିଶୋର ସାହୁ, ନାରାୟଣ ପ୍ରଧାନ, ଇନ୍ଦ୍ରମଣି ବିଶ୍ୱାଳଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; ବଡ଼କାଳିଆ ଏଫ୍‌ସି ଚାମ୍ପିଅନ




**ନୀଳଗିରି, ୯।୧୧(ସମିସ):** ନୀଳଗିରି ବ୍ଲକ ତେଲିପାଳଠାରେ ୭ତାରିଖରୁ ୯ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶନିବାର ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦଯାପିତ ହୋଇଯାଇଛି। ତେଲିପାଳ ସାନ୍ତାଳୀ ବ୍ରଦର୍ସ ସ୍ପୋର୍ଟିଂ କ୍ଲବ୍ ଦ୍ୱାରା ଆୟୋଜିତ ୨୭ତମ ତିନିଦିନିଆ ଫୁଟବଲ୍ ମ୍ୟାଚର ଅନ୍ତିମ ଦିବସରେ ବଡକାଳିଆ ଏଫ୍. ସି ମୟୂରଭଞ୍ଜ ଏବଂ ହେସେଲ ବେରେଲ୍ ଫୁଟବଲ ଟିମ୍ (ଶରତ) ମୟୂରଭଞ୍ଜ ମଧ୍ୟରେ ଚୂଡାନ୍ତ ମ୍ୟାଚ ହୋଇଥିବା ବେଳେ ବଡ଼କାଳିଆ ଏଫ୍. ସି ଦଳ ଚଳିତବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ହେସେଲ ବରେଲ ଦଳ ଉପବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଚାମ୍ପିଅନ ଦଳକୁ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଦଳକୁ ୩୦ହଜାର ଟଙ୍କାର ପୁରସ୍କାର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ବନ୍ଧୁତ୍ୱପୂର୍ଣ୍ଣ ଭାବେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ବରିଷ୍ଠ ବିଜେଡି ନେତା ଗଙ୍ଗାଧର ମିଶ୍ର, ଯୁବନେତା ଉପେନ୍ଦ୍ର ଦାସ, ତେଲିପାଳ ସରପଞ୍ଚ ବାହାମଣି ମାର୍ଣ୍ଡି, ତେଲିପାଳର ପୂର୍ବତନ ସରପଞ୍ଚ ସେରାଲ ବାସ୍କେ, ଆରବନ୍ଧ ସରପଞ୍ଚ କୁଳମଣି ନାୟକ ଅତିଥି ଭାବେ ଯୋଗଦାନ କରିଥିଲେ। ଆଜିର ଏହି ଉଦଯାପନୀ ଉତ୍ସବରେ ଆଖପାଖ ଅଞ୍ଚଳର ହଜାରହଜାର ଫୁଟବଲ ପ୍ରେମୀ ଖେଳକୁ ଉପଭୋଗ କରିଥିବାବେଳେ କ୍ଲବ୍ ସଭାପତି ଅକ୍ଷୟ ମାଝୀ, ସମ୍ପାଦକ ସୂର୍ଜା ମାଝୀ, ଲାସ ମାଝୀ, ହାମରା ମାଝୀ, କରନ ମାଝୀ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଲଣ୍ଡନରେ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତିଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ



**ବାଲିଚନ୍ଦ୍ରପୁର, ୯ ।୧୧(ସମିସ):** ଦୀର୍ଘ ୬୪ ବର୍ଷ ଧରି ଲଣ୍ଡନରେ ରହିଆସୁଥିବା ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତ ନାନପୁର ଗ୍ରାମର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ତଥା ଲେଖକ ଡଃ ପ୍ରଫୁଲ୍ଲ ମହାନ୍ତିଙ୍କୁ ତାଙ୍କ ଲଣ୍ଡନସ୍ଥ ବାସଭବନରେ ଲଣ୍ଡନ ଗସ୍ତରେ ଯାଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭତୀ ପରିଡ଼ା ଭେଟିଛନ୍ତି। ଡଃ ମହାନ୍ତିଙ୍କୁ ସେଠାରେ ସାକ୍ଷାତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିଜକୁ ଗୌରବାନ୍ୱିତ ମନେ କରିବା ସହିତ ଡଃ ମହାନ୍ତି ଆମ ଓଡ଼ିଶା ପାଇଁ ଗର୍ବ ଗୌରବ ବୋଲି କହିଛନ୍ତି। ତାଙ୍କର ଏହି ସାକ୍ଷାତ ସମୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଡଃ ମହାନ୍ତିଙ୍କୁ କିଛି ଉପହାର ପ୍ରଦାନ କରିଥିବାବେଳେ ଡଃ ମହାନ୍ତି ତାଙ୍କ ଲିଖିତ ଚର୍ଚ୍ଚିତ ପୁସ୍ତକ 'ଥ୍ରୋ ବ୍ରାଉନ ଆଇସ'କୁ ପ୍ରଦାନ ପୂର୍ବକ ତାଙ୍କ ମଥାରେ ହାତ ରଖି ଆଶୀର୍ବାଦ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ସହିତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ମଧ୍ୟ ଚିତ୍ରଶିଳ୍ପୀ ଡଃ ମହାନ୍ତିଙ୍କୁ ସାକ୍ଷାତ କରିଥିଲେ।

## ମଧ୍ୟସ୍ଥତା କରି ଯୁବକ ମାଡ଼ ଖାଇ ଗୁରୁତର

**ବାସୁଦେବପୁର, ୯ ।୧୧(ସମିସ):** ବାସୁଦେବପୁର ଥାନା ବରଣ୍ଡୁଆ ସ୍ଥିତ ବିଷ୍ଣୁବିନ୍ଧା ଗ୍ରାମର ଏକତରଫା ପ୍ରେମକୁ କେନ୍ଦ୍ରକରି ତୁମୁଳକାଣ୍ଡ ଘଟିଛି। ଏହି ପ୍ରେମ ବ୍ୟାପାରରେ ମଧ୍ୟସ୍ଥତା କରୁଥିବା ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ନିର୍ଦ୍ଦୁମ ଛେଚିଥିବା ଅଭିଯୋଗ ହୋଇଛି। ନାବାଳିକାର ପରିବାର ଲୋକେ ମାଡ ମାରିଥିବା ଅଭିଯୋଗ କରିଛନ୍ତି। ମାଡ ଖାଇଥିବା ଯୁବକର ପରିବାର ଲୋକେ ଆମ ପିଲା କୌଣସି ଭୁଲ କରି ନଥିବା ବେଳେ ତାକୁ ଅମାନବୀୟ ଭାବେ ଗଛରେ ବାନ୍ଧି ପିଟା ଯାଇଥିବା ଅଭିଯୋଗ ବାଢିଛନ୍ତି। ଫଳରେ ନାବାଳକ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ହୋଇଥିବା ଯୁବକ ଜଣକ ମୟୂରଭଞ୍ଜ ଜିଲ୍ଲାର ଶରତ ଥାନା ଅଞ୍ଚଳର ଶଙ୍କର୍ଷଣ ଓଝାଙ୍କ ପୁଅ ଜୟରାମ ବୋଲି ଜଣାପଡ଼ିଛି। କିଛିଦିନ ତଳେ ବଡ଼ବାପା ରହୁଥିବା ବିଷ୍ଣୁବିନ୍ଧା ଗାଁକୁ ବୁଲିବାକୁ ଆସିଥିଲେ। ଆଜି ଏମିତି ଘଟଣା ଘଟିଥିବା ବେଳେ ଦେଖି ସ୍ଥାନୀୟ ଗ୍ରାମର ନାବାଳିକାର ପରିବାର ଲୋକେ ମାଡ ମାରିଥିବା ଅଭିଯୋଗ କରିଛନ୍ତି।

## ୭ମ ନାୟିକା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ – ତୃତୀୟ ସନ୍ଧ୍ୟାରେ ନାଟକ 'ଔରଙ୍ଗଜେବ' ମଞ୍ଚସ୍ଥ

**ବାଲେଶ୍ୱର, ୯।୧୧(ସମିସ)**

'ନାୟିକା ବାଲେଶ୍ୱର'ର ୧୯ତମ ପ୍ରତିଷ୍ଠା ଦିବସ ଓ ୭ ମ ନାୟିକା ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଆଜି ତୃତୀୟ ସନ୍ଧ୍ୟା ସ୍ଥାନୀୟ ଗାନ୍ଧି ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ତୃତୀୟ ସନ୍ଧ୍ୟାରେ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଫକୀରମୋହନ ସାହିତ୍ୟ ପରିଷଦ ପୂର୍ବତନ ସଭାପତି ଲକ୍ଷ୍ମୀକାନ୍ତ ତ୍ରିପାଠୀ, 'କଳାକାର' ସଭାପତି ସୁରଞ୍ଜନ ଦାସମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଉପସ୍ଥିତ ଥିଲେ ସୁସ୍ମିତା ରଣା, ନିର୍ଦ୍ଦେଶିକା, ନାୟିକା ବାଲେଶ୍ୱର, ଅଭିଷେକ ପାଣିଗ୍ରାହୀ, ଅତୁଲ ଦାଶ, ଘନଶ୍ୟାମ ମହାଳିକ, ସୁଧାଂଶୁ ଶେଖର ସାହୁ, ମୋହିତ ମୋହନ ଦାସ। ମଞ୍ଚ ପରିଚାଳନା କରିଥିଲେ ସୁଶୀଲ ପଟ୍ଟନାୟକ। ଏହି ଅବସରରେ 'ନାୟିକା, ବାଲେଶ୍ୱର ସମ୍ମାନ'- ଧୀର ବସା, ନାଟ୍ୟ ନିର୍ଦ୍ଦେଶକ, ଓମ ନାଟ୍ୟ ସଂସ୍ଥା, ବାରିପଦା ଏବଂ 'ନାୟିକା ବାଲେଶ୍ୱର ମିଡିଆ ସମ୍ମାନ' ରତିକାନ୍ତ ପାଢ଼ୀଙ୍କୁ



ସମ୍ମାନିତ କରାଯାଇଥିଲା। ଏହାପରେ ଓମ ନାଟ୍ୟ ସଂସ୍ଥା, ବାରିପଦା ପକ୍ଷରୁ ନାଟକ 'ଔରଙ୍ଗଜେବ' ମଞ୍ଚସ୍ଥ ହୋଇଥିଲା। ଏହି ନାଟକକୁ ନିର୍ଦ୍ଦେଶନା ଦେଇଛନ୍ତି ଧୀର ବସା।

## କାର୍ ଧକ୍କାରେ ପୁଅ ମୃତ, ମା' ଗୁରୁତର

ବସ୍ତା/ରାଜଘାଟ, ୯।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର କୁଣ୍ଡପୁର ଛକ ନିକଟରେ କାର ସହ ବାଇକ ଧକ୍କା ହୋଇ ପୁଅର ମୃତ୍ୟୁ ଘଟିଥିବାବେଳେ ମା' ଗୁରୁତର ହୋଇଛି। ଆଜି ଦିନ ପ୍ରାୟ ୧୨ଟାରେ ରାଜପଥର କୁଣ୍ଡପୁର ଛକ ନିକଟରେ କୁଣ୍ଡପୁର ଗ୍ରାମ ତଳରାସ୍ତାରୁ ରାଜପଥ ଉପରକୁ ଏକ କାର୍ ଦ୍ରୁତ ଗତିରେ ଆସିଯିବା ଯୋଗୁଁ ରାଜପଥରେ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଜଳେଶ୍ୱର ଥାନା ଗୁରୁଦାସପୁର ଗ୍ରାମର ଚକ୍ରଧର ମହାନ୍ତିଙ୍କ ପୁତ୍ର ସୁଶାନ୍ତ ମହାନ୍ତି (୩୬)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିବା ସହ ତାଙ୍କ ମା' ଆରତୀ ମହାନ୍ତି ଗୁରୁତର ହୋଇଛନ୍ତି। ତାଙ୍କୁ ବସ୍ତା ମେଡିକାଲ ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମା' ଓ ପୁଅ ବାଲେଶ୍ୱରରେ ଡାକ୍ତର ଦେଖାଇ ଘରକୁ ଫେରୁଥିବା ସମୟରେ ଘଟିଥିଲା ଦୁର୍ଘଟଣା। ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଓ କାର୍ ଜବତ କରିଛି। ଦୁର୍ଘଟଣା ଘଟାଇଥିବା କାର୍‌ଟି ବସ୍ତା ଥାନା କୁଣ୍ଡେଇ ଗ୍ରାମର ସନ୍ୟାସୀ ବେହେରାଙ୍କ ବୋଲି ପୁଲିସ କହିଛି।

## ମେଳାରୁ ବାଇକ୍ ଚୋରି

**କୁଆମରା, ୯ ।୧୧(ସମିସ):** ଖୁଣ୍ଟା ଥାନା ସପନଚୁଆଠାରେ କାଳୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ବହଳଦା ପଞ୍ଚାୟତ ଗଡେଇ ଗ୍ରାମର ଉପେନ୍ଦ୍ର ସିଂ (୨୪)ଙ୍କ ଓଡି ୧୧ ଡି - ୪୭୭୯ ନମ୍ବର ବାଇକ ଚୋରି ହୋଇଯାଇଛି। ସେଠାରେ ବାଇକ ରଖି ଦେଇ ପ୍ରାୟ ଘଣ୍ଟାଏ ପରେ ଫେରିବା ବେଳକୁ ବାଇକ ଚୋରି ହୋଇଥିବାର ଜାଣି ଖୋଜାଖୋଜି କରିଥିଲେ। ବାଇକ ନପାଇବାରୁ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ

**କୁଆମରା, ୯ ।୧୧(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଚୁନଡିହା ଗ୍ରାମର ଜଣେ ଯୁବକଙ୍କୁ ସେହି ଗ୍ରାମର ୩ ଜଣ ବ୍ୟକ୍ତି ଘର ସମ୍ମୁଖରେ ପ୍ରାଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଛତିଶ ବେହେରା (୪୫)ଙ୍କୁ ମାନସ ବେହେରା, ଉମେଶ ବେହେରା ଓ ଦିବାକର ବେହେରା ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଛତିଶଙ୍କୁ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହୋଇ ଘରକୁ ଫେରିବା ପରେ ପୁଲିସ ଅଭିଯୋଗକ୍ରମେ ମାମଲା ରୁଜୁ କରିଛି ପୁଲିସ।

## ମହିଳାଙ୍କୁ ନିର୍ଯାତନା

**କୁଆମରା, ୯।୧୧(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଇ ଆସୁଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଲକ୍ଷ୍ମୀ ବଗାଳ (୩୦)ଙ୍କ ସହ ୧୦ ବର୍ଷ ତଳେ ସାଗର ବଗାଳ ବିବାହ କରିଥିଲେ। ପ୍ରାୟ ୨ ବର୍ଷ ହେବ ସାଗର ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ଲକ୍ଷ୍ମୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା ରୁଜୁ କରିଛି ପୁଲିସ। ଲକ୍ଷ୍ମୀଙ୍କ ତିନୋଟି କନ୍ୟାସନ୍ତାନ ଅଛନ୍ତି।

## ମହିଳାଙ୍କ ମୃତ୍ୟୁ; ହତ୍ୟା ଅଭିଯୋଗ



**କୁଆମରା, ୯।୧୧(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଗଡ଼ିଗାଁ ପଞ୍ଚାୟତ ମାଠିଆଭଙ୍ଗା ଗ୍ରାମରେ ଗତ ରାତିରେ ଜଣେ ବିବାହିତ ମହିଳା ଆତ୍ମହତ୍ୟା କରିଥିବା ଶାଶୂ ଘର ଲୋକେ କହୁଥିବା ବେଳେ ବାପ ଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସୁମନ୍ତ ସେଠୀ ୬ ବର୍ଷ ପୂର୍ବରୁ ବଡସାହି ଥାନା ଅନ୍ତର୍ଗତ ନିଶ୍ଚିନ୍ତପୁର ଗ୍ରାମର ମକରା ସେଠୀଙ୍କ ଝିଅ ଆରତୀ (୨୫)ଙ୍କୁ ବିବାହ କରିଥିଲେ। ବିବାହର ୪ ବର୍ଷ ପରେ ୨ ବର୍ଷ ହେବ ପାରିବାରିକ ଅଶାନ୍ତି ଲାଗି ରହିଥିଲା। ଶୁକ୍ରବାର ରାତି ପ୍ରାୟ ୯ଟାରେ ଆରତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ପୁଲିସ ପହଞ୍ଚିବା ପୂର୍ବରୁ ପରିବାର ଲୋକେ ତରବରିଆ ଭାବେ ଆରତୀଙ୍କ ଶବକୁ ଓହ୍ଲାଇ ଦେଇଥିଲା ବେଳେ ବାପ ଘର ଲୋକଙ୍କ ଅଭିଯୋଗ ଆଧାରରେ ଏନେଇ ଅଧିକ ତନାଘନା ଜାରି ରହିଛି। ପୁଲିସ ଶାଶୂ ଶାନ୍ତିଲତା, ନଣନ୍ଦ ମାମା ଓ ସ୍ୱାମୀ ସୁମନ୍ତଙ୍କୁ ପଚରାଉଚରା କରିଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୁଜାତା ଖମାରୀ କହିଛନ୍ତି। ଉଦଳା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଧିକ ତଥ୍ୟ ଜଣାପଡ଼ିବ। ଆରତୀଙ୍କ ଏକ ୪ ବର୍ଷର ଶିଶୁପୁତ୍ର ଅଛି।

## ଗଞ୍ଜେଇ ସହ ଇନୋଭା ଜବତ; ୨ ଗିରଫ



**ବାରିପଦା, ୯।୧୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଭଞ୍ଜପୁର ଥାନା ପୁଲିସ ୫୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି; ଯାହାର ବଜାର ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ଭଞ୍ଜପୁର ଥାନାଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ୧୮ନଂ ଜାତୀୟ ରାଜପଥରେ ଇନୋଭା କାରକୁ ଜବତ କରିଥିଲେ। ମାଜିଷ୍ଟ୍ରେଟ ଓ ଅବକାରୀ ଅଧିକାରୀଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଛି। ଘଟଣାରେ ଚାଳକ ସମେତ ୨ ଜଣ ଅଭିଯୁକ୍ତକୁ ଗିରଫ କରିବା ସହ ଗଞ୍ଜେଇ ଓ ଇନୋଭାକୁ ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ କୁଳିଅଣା ଅନ୍ତର୍ଗତ ବଡ଼ ନୂଆଁଗାଁ ଅଞ୍ଚଳର ଚାଳକ ଅଜୟ କୁମାର ନାୟକ ଓ କନିଆଲୁକା ଅଞ୍ଚଳର ବେପାରୀ ପ୍ରବୀଣ ନାଥ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ଇନୋଭାଟି ଏକ ଘରୋଇ ଗାଡି ଓ ବାରିପଦାର ପ୍ରତିଷ୍ଠିତ ହୋଟେଲ ମାଲିକଙ୍କ ହୋଇଥିବାରୁ ସେ ଅଡୁଆରେ ପଡ଼ିପାରନ୍ତି।

## ପିକ୍‌ଅପ୍ ଧକ୍କାରେ ଜଣେ ମୃତ

**କୁଆମରା ୯।୧୧(ସମିସ):** ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥ ନାଲୁହା ଛକ ନିକଟରେ ଏକ ପିକଅପ୍ ଧକ୍କାରେ ଜଣେ ଅପରିଚିତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ମାନସିକ ଭିନ୍ନକ୍ଷମ ଥିବା ଜଣାପଡ଼ିଛି। ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ତାଙ୍କୁ ଖୁଣ୍ଟା ଡାକ୍ତରଖାନାକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଗାଡ଼ିକୁ ଜବତ କରି ଥାନାରେ ଅଟକ ରଖିଛି। ଚାଳକ ବାଣପୁର ଥାନା ଦୁଲାଣସାହି ଗ୍ରାମର ଗୋପୀନାଥ ପ୍ରଧାନ (୨୪)କୁ ଗିରଫ କରାଯାଇଛି। ମୃତ ବ୍ୟକ୍ତି ଜଣକ କିଛି ଦିନ ତଳେ ଖୁଣ୍ଟା ଅଞ୍ଚଳକୁ ଆସି ଏଣେତେଣେ ବୁଲାବୁଲି କରୁଥିଲେ।

